# ଆସି, ମୋହର ଅନୁଗମନ କର

ତେବେ, ନା, ତାହା ତ ବେକୀ ଜନ୍ମ ହେବାର ପୂର୍ବରୁ ଥିଲା । ଆଉ ତେଣୁ ମୁଁ—ମୁଁ ଭାବିଲି, "ତେବେ, ଆପଣ ଜାଣନ୍ତି..." ମୁଁ—ମୁଁ କେବଳ ଏକ ତାଟିଆ ଯବ ଦଲିଆ ଖାଇଲି, ଗୋଟିଏ ଟଙ୍କା ମୂଲ୍ୟ ନେଲା । ତେବେ, ମୁଁ କେବଳ...ସେମାନେ ମୋତେ ମୋର ଟିକେଟ୍ ଦେଇଥାନ୍ତି, ଏବଂ କେବଳ ସେଥିରେ ଦସ୍ତଖତ କରିଥାଏ, ଆପଣ ଦେଖନ୍ତୁ, ଆଉ ମୁଁ ଏହାର ମୂଲ୍ୟ ଦେଇଥାଏ, ଏହାକୁ ପରିଶୋଧ କରିଥାଏ, ଏବଂ ମୁଁ ଏହାକୁ ଫେରାଇ ଦେଇଥାଏ, କାରଣ ମୁଁ ଏକ ଖର୍ଚ୍ଚ ଖାତା ରଖିଥିଲି ।

2 ଏବଂ ଦିନେ ଯେତେବେଳେ ଆମର ପାଟ୍ରୋଲିଂ କରୁଥିବା ଲୋକମାନଙ୍କର ଏକ—ଏକ ସଭା ଚାଲିଥିଲା । "ମୋର ପ୍ରଭୁ," ସେମାନେ କହିଲେ, "ଏହି ପାଗଳ ଲୋକଟି କିଏ ଯିଏକି ସେହିପରି ଭାବରେ କିଛି ଗୋଟାଏ ଦେଇଛି ।" ବୁଝିଲେ? ସେହି—ସେହି ମୂଖ୍ୟ ଲୋକଟି, ଆପଣ ଜାଣନ୍ତି, "ଏକ ଜଳଖିଆ ପାଇଁ ଦଶ ସେଣ୍ଟ ଲାଗିବ?" ତେଣୁ ତାହା ଅନ୍ୟ ଲୋକମାନଙ୍କ ଉପରେ ପ୍ରକୃତରେ ହାଲୁକା ଭଳି ଦେଖାଯାଏ, ଆପଣ ଜାଣନ୍ତି । ସେମାନଙ୍କ ମଧ୍ୟରୁ କେତେକେ ଏକ ଡଲାର ଦେଲେ, ଦେଖନ୍ତୁ; ରାତ୍ରୀ ଭୋଜନ ପାଇଁ ଦୁଇ ଡଲାର ଦେଲେ । ଏବଂ ମୁଁ ଠିକ୍ ସେତିକି ଦେଲି ଯେତିକି ତାହାର ମୂଲ୍ୟ ଥିଲା ।

3 ତେବେ, ମୁଁ କହିଲି, "ତେବେ, ବର୍ତ୍ତମାନ, ମୋତେ ଦେବାର କୌଣସି ଆବଶ୍ୟକତା ନାହିଁ...ମୋର କଅଣ ହେବ ଯଦି ମୁଁ କେବଳ ଦଶ ସେଣ୍ଟ, ହିଁ ଖାଏ?"

4 ଶ୍ରୀମାନ ଫିଲ୍ଡସ୍, ଯିଏକି ସହକାରୀ ଅଧୀକ୍ଷକ ଥିଲେ, ସେ କହିଲେ, "ବିଲି, ଯେପରି ଭାବରେ ବି ହେଉ, ଅନ୍ତତଃ, ଏକ ଡଲାର ଦିଅ ।" କହିଲେ, "ଅନ୍ୟ ବାକିମାନେ ସମସ୍ତେ ତାହା ହିଁ କରୁଛନ୍ତି ।" କହିଲେ, "ତୁମେ ବି ତାହା ଏକା ସମାନ ରଖ ।"

5 "ତେବେ," ମୁଁ କହିଲି, "ମୁଁ—ମୁଁ ତ କେବେ ଆଉ କିଛି ଖାଏ ନାହିଁ ମାତ୍ର କେବଳ ଏକ ତାଟିଆ ଯବ ଦଲିଆ ଖାଏ, ଆଉ ତାହା ହିଁ ଅଟେ ଯାହା ପାଇଁ ମୁଁ ମୂଲ୍ୟ ପରିଶୋଧ କରିଥାଏ ।"

କହିଲେ, "ଓଃ, କର ନାହିଁ, ତାହା କେବେ କର ନାହିଁ ।"

6 ତେବେ, ତାହାପରେ ମୁଁ ଭାବିଲି, "ମୁଁ ଏହା ସହିତ କଅଣ କରିବି?" ତାହାପରେ ମୁଁ ଜଳଖିଆ ପାଇଁ ପଚାଶ ସେଣ୍ଟ ଦେଲି । ଏହାପରେ ମୁଁ ସେଥିରୁ ଚାଳିଶ ସେଣ୍ଟ ନେଇଥାଏ, ଯଦି ମୁଁ କିଛି ଖର୍ଚ୍ଚ କରିବାକୁ ଚାହେଁ, ରାସ୍ତାରେ କିଛି ପିଲାଙ୍କୁ ଦେଇଥାଏ; କିଛି ପିଲାଙ୍କୁ, ଆପଣ ଜାଣନ୍ତି, ଯେଉଁମାନେକି ଏପରି ଦେଖାଯାଆନ୍ତି ଯେପରିକି ସେମାନଙ୍କୁ ମଧ୍ୟ, ଟିକିଏ ଏକ 'ସାଣ୍ଡୱିଚ୍ ଆବଶ୍ୟକ । ତେବେ, ମୁଁ ଭାବିଲି ବୋଧହୁଏ ମୋ ପାଖରେ ଥାଇପାରେ...ଠିକ୍, ତେବେ ତାହା ତ ସେହି କମ୍ପାନୀ ଥିଲା, ଯିଏକି ନିଜେ, ମୋ ସହିତ ସେହିପରି କଥାବାର୍ତ୍ତା କରୁଥିଲା । ତାହା ତ କମ୍ପାନୀର ବାହାରେ ଜଣେ ବ୍ୟକ୍ତି ଥିଲେ ।

ତେଣୁ, ମୁଁ ଭାବିଲି, "ବୋଧହୁଏ ମୁଁ—ମୁଁ କିଛି ଭୁଲ କରିଛି ।"

7 ତେଣୁ ଏଠାରେ କିଛି ସମୟ ପୂର୍ବରୁ, ଜଣେ ପାଟ୍ରୋଲିଂ ଲୋକ ସହିତ...ବର୍ତ୍ତମାନ ସେମାନେ ହେଲିକପ୍ଟର ଯୋଗେ ପାଟ୍ରୋଲିଂ କରନ୍ତି, ଆପଣ ଦେଖନ୍ତୁ । ତେଣୁ ସେ ଆସିଲେ ଓ ସେ ଅଟକି ଗଲେ । ସେ କହିଲେ, "କୁହନ୍ତୁ, ଭାଇ ବ୍ରାନହାମ୍," କହିଲେ, "ଏହି ଗଛଟି ବଢୁଅଛି ।"

ମୁଁ କହିଲି, "ହଁ ।" ମୁଁ କହିଲି, "ପିଲାମାନେ ସେଠାରେ ବାହାରେ ତାହାର ତଳେ ଖେଳନ୍ତି ।"

ସେ କହିଲେ, "କଅଣ ଆମେ ଏହାକୁ ଉପରୁ କତୁରି ପାରିବା କି?"

ମୁଁ କହିଲି, "ହଁ, ମାତ୍ର ଏହାକୁ କାଟିବେ ନାହିଁ । ବୁଝିଲେ?"

ସେ କହିଲେ, "ତେବେ, ଆମେ ଏହାକୁ କାଟିବାକୁ ଚାହୁଁ । ଆମେ ଏଥିପାଇଁ ଆପଣଙ୍କୁ ମୂଲ୍ୟ ଦେବୁ ।"

8 ମୁଁ କହିଲି, "ନା । ନା । ମୁଁ ଚାହେଁ ନାହିଁ ଯେ ଆପଣ ଏହାକୁ କାଟନ୍ତୁ ।" ତେବେ, ମୁଁ ଜୀବନ-ର-ଅଧିକାରର ନିୟମାବଳୀ, ମଧ୍ୟ ଜାଣେ, ଆପଣ ଜାଣନ୍ତି, କାରଣ ମୁଁ ଏହା ଉପରେ ସାତ ବର୍ଷ କାର୍ଯ୍ୟରତ ଥିଲି । ମୁଁ କହିଲି, "ନା ।" ମୁଁ କହିଲି, "ଚାହେଁ ନାହିଁ ଯେ ତାହା କଟାଯାଉ, ମାତ୍ର ଆପଣ ଏହାକୁ ଉପରୁ କତୁରି ପାରନ୍ତି ।" ମୁଁ କହିଲି, "ମୁଁ—ମୁଁ ଏହାକୁ କତୁରିକି ରଖେ, ମାତ୍ର," ମୁଁ କହିଲି, "ଆପଣ କରିପାରନ୍ତି । ଯଦି ଆପଣ ଚାହାଁନ୍ତି ଆପଣ ଏହାକୁ ଉପରୁ କତୁରି ପାରନ୍ତି ।" ମୁଁ କହିଲି, "ମୁଁ, ଭାଇ ଉଡ୍ ଏବଂ ମୁଁ, ଏହାକୁ ଉପରୁ କତୁରିବା ପାଇଁ ଯୋଜନା କରୁଛୁ । ଏଠାରେ ଥିବା ଅନ୍ୟ ସବୁକୁ ଆମେ କତୁରିଥାଉ ।" ଆଉ ମୁଁ କହିଲି, "ମାତ୍ର ଆମେ ତାହାକୁ ସେଠାରେ ପିଲାମାନଙ୍କ ନିମନ୍ତେ ରଖିବାକୁ ଚାହୁଁଛୁ, ଜୋ ଏବଂ ସେମାନେ, ଆପଣ ଜାଣନ୍ତି, ସାନ ସାନ ପିଲାମାନେ ସେହି ଗଛ ତଳେ ଖେଳନ୍ତି ।"

9 ମୁଁ ଏକ ଯାତ୍ରାରେ ଚାଲିଗଲି । ଯେତେବେଳେ ମୁଁ ଫେରି ଆସିଲି, ସେ କଟାଯାଇ ସାରିଥିଲା ଓ ବାହାର କରା ଯାଇଥିଲା । ଓଃ, ସେହି ଗଛଟିକୁ କାଟିଥିବା ପାଇଁ, ଆପଣ ଦେଖନ୍ତୁ, ସେହି କମ୍ପାନୀ ଉପରେ କି ଏକ ଆଇନଗତ ମାମଲା ହୋଇଥାନ୍ତା, ଆପଣ ଦେଖନ୍ତୁ । ଆଉ ତେଣୁ ମୁଁ ଭାବିଲି, "ତେବେ," ମୁଁ କହିଲି, "ପ୍ରଭୁ, ମୁଁ ତାହା ଉଲ୍ଲେଖ ସୁଦ୍ଧା କରିବାକୁ ଯାଉ ନାହିଁ ।" ବୁଝିଲେ? "ଯଦି ସେଠାରେ ଏପରି କିଛି ଅଛି ଯାହାକି ମୁଁ—ଯାହାକି ମୁଁ, ତାହା ଉପରେ, ବେଳେବେଳେ ଦେଇଥାଏ, କେବଳ ଗୋଟିଏ ପଇସା ମୂଲ୍ୟର ଖାଦ୍ୟ ଖାଇଥାଏ, ଏବଂ 'ପଚାଶ ସେଣ୍ଟ' ଦେଇଥାଏ ।" ବୁଝିଲେ? ମୁଁ କହିଲି, "ଯଦି ସେଠାରେ ତାହା ଉପରେ କିଛି ଥାଏ, ତେବେ ତାହା ଏହାକୁ ଭରଣ କରୁ, ଦେଖନ୍ତୁ, ଯେ—ଯେ ମୁଁ—ଯେ ମୁଁ ତାହାକୁ ଏଥିରେ ଦେଇ ଦିଏ, ଆପଣ ଦେଖନ୍ତୁ । ଯେ ମୁଁ..." ଏବଂ ମୁଁ ସେତେବେଳେ ଲୋକ ଆୟୋଗ କମ୍ପାନୀରେ ଚାକିରୀ କରିବା ବିଷୟରେ ସ୍ୱପ୍ନ ଦେଖିବାର ଛାଡିଦେଲି, ଦେଖନ୍ତୁ, କାରଣ ଏହା ନିଶ୍ଚିତ ଭାବରେ ସେଠାରେ କିଛି ରହିଥିବ ।

ଆମକୁ ଦେଖିବା ଆବଶ୍ୟକ ଯେ ଆମେ କଅଣ କରୁ । ଆମକୁ ଦିନେ ଏହା ସହିତ ସାକ୍ଷାତ କରିବାକୁ ହେବ ।

10 ପିଲାମାନେ, ଏଠାକୁ ଆସନ୍ତି । ଟ୍ରୁଡି, ତୁମ ମାଆ ଆଜି ଅନ୍ୟ ଦିନ, ଏଠାରେ ଥିଲେ । ମୁଁ ଅନୁମାନ କରୁଛି ତୁମେ ନାହିଁ, ତୁମେ ଜାଣି ନାହିଁ । ଏହା ଏକ ପ୍ରକାର ଆଶ୍ଚର୍ଯ୍ୟଜନକ ଅଟେ, ମୁଁ ଦେଖିପାରୁଛି । ଆଉ ତୁମେ ସ୍ନାତକ ହେବାକୁ ଯାଉଅଛ । ଏବଂ ଆମେ ଏଠାରେ ଏକାଠି ଏହି ଯାତ୍ରା କରିଥିଲୁ । ତେବେ ତତ୍‌କ୍ଷଣାତ ହିଁ ଠିକ୍ ଏହି ସଭା ପରେ ମୁଁ ଆଉ ଏକ ସଭାକୁ ଚାଲିଯିବି । ଏବଂ ଆମେ ଘରକୁ ଯିବାକୁ ଯାଉଅଛୁ ।

11 ମୁଁ ଭାବିଲି ଯେ ଏହା ଆପଣ ସମସ୍ତଙ୍କ ସହିତ କଥା ହେବା ଏକ ଭଲ ସୁଯୋଗ ହେବ, ଏବଂ ତାହାପରେ ଏହା ମଧ୍ୟ ଭାବିଲି ଯେ ଏହା ପିଲାମାନଙ୍କ ସହିତ ସେମାନଙ୍କର ସ୍ନାତକ ହେବା ପୂର୍ବରୁ ଅଳ୍ପ ଟିକିଏ କଥା ହେବା ଭଲ ବିଷୟ ହେବ । ବାଇବଲରୁ ଏକ ପଦ ପାଠ କରିବା, ଏବଂ ମୋ ହୃଦୟର ଗଭୀରତାରୁ ତୁମମାନଙ୍କ ସହିତ, ପ୍ରାୟଃ ଦଶ ମିନିଟ୍ କଥା ହେବା । ତାହାପରେ ମୁଁ ତୁମ ମାର୍ଗରୁ ପଳାଇଯିବି । ବୁଝିଲେ?

12 ଏହା ପୂର୍ବରୁକି ମୁଁ ପିଲାମାନଙ୍କ ସହିତ କଥାବାର୍ତ୍ତା କରେ, ମୁଁ ଆପଣ ସମସ୍ତ ବୟସ୍କମାନଙ୍କ ସହିତ, ମଧ୍ୟ, ମାତ୍ର ଏକ ମିନିଟ୍ ପାଇଁ କଥା ହେବାକୁ ପସନ୍ଦ କରିବି । ତେବେ ଏହା, ବୋଧହୁଏ, ଏକ କଠିନ ଯାତ୍ରା ହୋଇ ଥାଇପାରେ, ଏହା ରହିଆସିଛି । ମାତ୍ର ଯେଉଁ ଅନୁଭୂତି ମୁଁ ପରମେଶ୍ୱରଙ୍କଠାରୁ ଶିକ୍ଷା କରିଅଛି, ତାହା ପାଇଁ ମୁଁ ଦଶ ହଜାର ଡଲାର ସୁଦ୍ଧା ନେବି ନାହିଁ ଯାହାକିଛି ମୁଁ ପ୍ରଭୁଙ୍କଠାରୁ ଶିଖିଅଛି ଯେଉଁଦିନଠାରୁ ମୁଁ ଏଠାରେ ରହିଛି । ମୁଁ ପ୍ରକୃତରେ ବିଶ୍ୱାସ କରେ ଯେ ମୁଁ ସର୍ବଶକ୍ତିମାନ୍‌ଙ୍କ ଆଦେଶ ପ୍ରତି ସମ୍ପୂର୍ଣ୍ଣ ଆଜ୍ଞାବହତାରେ ଆସିଅଛି, ଏବଂ ମୁଁ—ମୁଁ ଆଶା କରେ ଯେ ମୁଁ ସଦା ସେହିପରି ଭାବରେ ରହିପାରେ । ଏବଂ ସେଠାରେ ଏକ…

13 ଯେତେବେଳେ ମୁଁ ଆସିଲି, ଗୋଟିଏ ବିଷୟ, ଏକ ଦର୍ଶନ ଦ୍ୱାରା ଥିଲା, ଯେ ମୁଁ ଏଠାରେ ଟ୍ୟୁସାନ୍‌ଠାରେ ଉପରେ ଛିଡ଼ା ହୋଇଛି ଯେତେବେଳେକି ଏକ—ଏକ—ଏକ ବିସ୍ଫୋରଣ ଘଟିଲା । ତେବେ, ଭାଇ ଫ୍ରେଡ୍ ସେଠାରେ ଥିଲେ ଯେତେବେଳେ ତାହା ଘଟିଥିଲା । ଆଉ ତେବେ ସେମାନେ ସେହି ଫଟୋଚିତ୍ରକୁ ଆକାଶରେ, ଆପଣ ଜାଣନ୍ତି, ନେଲେ । ଆଉ ମୁଁ ଏହା ବିଷୟରେ ଅଧିକ ଚିନ୍ତା କଲି ନାହିଁ, ଏହାକୁ କେବେ ଧ୍ୟାନ ସୁଦ୍ଧା ଦେଲି ନାହିଁ । ତେଣୁ ଅନ୍ୟ ଏକ ଦିନ, ଏହା ମୋତେ କୌଣସି ପ୍ରକାରେ ପ୍ରଭାବିତ କରିବାକୁ ଲାଗିଲା । ଏବଂ ଭାଇ ନରମାନ, ନର୍ମାଙ୍କ ପିତା ଏଠାରେ ଅଛନ୍ତି, ମୋତେ କହିଲେ, ପଚାରିଲେ, "କଅଣ ଆପଣ ଏହା ଲକ୍ଷ୍ୟ କଲେ କି?"

14 ଏବଂ ଯେମିତି ମୁଁ ଦେଖିଲି, ଅତି ସ୍ୱଷ୍ଟଭାବେ ଠିକ୍ ସେହିଠାରେ ସେହି ସ୍ୱର୍ଗ ଦୂତମାନେ ରହିଥିଲେ ଯେତିକି ସ୍ୱଷ୍ଟ ସେମାନେ ରହିପାରନ୍ତି, ଠିକ୍ ସେହି ଫଟୋଚିତ୍ରରେ ରହିଥିବା ପରି । ବୁଝିଲେ? ମୁଁ ଦେଖିବା ପାଇଁ ଗଲି ଯେ ତାହା କେବେ ଥିଲା, ଆଉ ଏହା ସେହି ସମାନ, ସମୟ

ଥିଲା, ପ୍ରାୟଃ ଦିନେ କିମ୍ବା ଦୁଇ ଦିନ ପୂର୍ବରୁ, ଅବା ମୁଁ ସେଠାରେ ରହିବାର ଦିନେ କିମ୍ବା ଦୁଇ ଦିନ ପରେ । ମୁଁ ଦେଖିଲି ଯେ ତାହା କେଉଁଠାରେ ଥିଲା । "ଫ୍ଲାଗଷ୍ଟାଫ୍ ଠାରେ, ଅବା ପ୍ରେସ୍କଟର ଉତ୍ତରପୂର୍ବ ଦିଗରେ, ଯାହାକି ଫ୍ଲାଗଷ୍ଟାଫ୍ ତଳେ ଅଛି ।" ତେବେ, ତାହା ଠିକ୍ ସେହି ସ୍ଥାନ ଥିଲା ଯେଉଁଠାରେ ଆମେମାନେ ଥିଲୁ, ଦେଖନ୍ତୁ, ଠିକ୍ ଅବିକଳଭାବେ ।

15 "ଛବି-ଶ ମାଇଲ ଉଚ୍ଚ ।" କାହିଁକି, ବାଷ୍ପ ତ ଚାରି, ଚାରି ମାଇଲ ଉଚ୍ଚ, କିମ୍ବା ପାଞ୍ଚ ମାଇଲ ଉପର—ଉପର ଅତିକ୍ରମ କରିପାରିବ ନାହିଁ, ଆର୍ଦ୍ରତା, ଯେକୌଣସି ପ୍ରକାରର କୁହୁଡ଼ି କିମ୍ବା ଅନ୍ୟକିଛି, ଆପଣ ଦେଖନ୍ତୁ । ବିମାନଗୁଡ଼ିକ ଉଣେଇଶ ହଜାରରେ ଉଡ଼ନ୍ତି । ତାହା କେବଳ ସବୁ ମେଘ ଉପରକୁ ଉଠିବା ପାଇଁ, ଆପଣ ଦେଖନ୍ତୁ । ଏବଂ ଉଣେଇଶ ହଜାର ଉଚ୍ଚତା ପ୍ରାୟଃ ଚାରି ମାଇଲ୍ ଅଟେ । ଏହା ଛବି-ଶ ମାଇଲ ଉଚ୍ଚ, ଏବଂ ତିରିଶ ମାଇଲ ଦୈର୍ଘ୍ୟ ଅଟେ, ଏବଂ ପିରାମିଡ୍ ଆକାରରେ ଅଟେ, ଯଦି ଆପଣ ଫଟୋଚିତ୍ରକୁ ଦେଖିଛନ୍ତି ।

16 ଏବଂ ତାହା-ଣ ପାର୍ଶ୍ୱରେ, ଯେପରି ମୁଁ ଆପଣଙ୍କୁ କହିଛି, ମୁଁ ସେହି ଉଲ୍ଲେଖନୀୟ, ସ୍ୱର୍ଗଦୂତଙ୍କୁ, ଲକ୍ଷ୍ୟ କଲି । ସେଠାରେ ସେ, ଛାତି ବାହାର କରି, ଡେଣା ପଛକୁ କରି, ଠିକ୍ ଭିତରକୁ ଆସୁଥିବା ପରି, ଠିକ୍ ଅବିକଳ ଭାବରେ ଯେପରିକି ତାହା ଥିଲା । ମୁଁ ଏହା କଦାପି ଧ୍ୟାନ ଦେଇ ନ ଥିଲି ଯେତେବେଳେ ସେମାନେ ପ୍ରଥମେ...ସେଠାରେ ଏତେ ଅଧିକ ବିଷୟମାନ ରହିଥିଲା ।

17 ଅନ୍ୟ ଏକ ଦିନ ଠିକ୍ ରାସ୍ତାରେ ଆସୁଥିବାବେଳେ, ଏପରି କିଛି ଘଟିଲା ଯାହା ମୋତେ ସେହି ଜିନିଷ ବିଷୟରେ କହିଲା ଯାହାକି ମୋତେ—ମୋତେ ନିଶ୍ଚୟ କରିବା ଉଚିତ୍ । ଆଉ ଏହା—ଏହା ମୋର ବାର୍ତ୍ତା ନୁହେଁ ।

18 ଏକଦା ଥରେ, ଲିଓ ମର୍ସିୟର କହିଥିଲେ, କହିଲେ, "ଭାଇ ବ୍ରାନହାମ୍, ଏହା ପରେ ସମୟ ଆସିବ," କହିଲେ, ପ୍ରାୟଃ ପାଞ୍ଚ କିମ୍ବା ଛଅ ବର୍ଷ ପୂର୍ବେ, ହୁଏତ ସାତ ହୋଇଥିବ, କହିଲେ, "ସଦାପ୍ରଭୁ ତୁମର ସେବାକାର୍ଯ୍ୟକୁ ପରିବର୍ତ୍ତନ କରିବାକୁ ଯାଉଛନ୍ତି, ଭାଇ ବ୍ରାନହାମ୍ ।" ଏବଂ କହିଲେ, "ଯେତେବେଳେ ସେ କରନ୍ତି, ଆପଣ ବୋଧହୁଏ କେବଳ ଡାକ୍ତରଖାନାଗୁଡ଼ିକୁ ଧାଡ଼ିରେ ରଖିବେ, ଏବଂ ସେମାନଙ୍କୁ ସେହି—ସେହି ଶଯ୍ୟାରୁ ଏବଂ ପ୍ରଭୃତି ବିଷୟରୁ ଉଠି ଆସିବା ପାଇଁ କହିବେ ।" ଏହା ଠିକ୍ ଶୁଭାଯାଉ ନ ଥିଲା, ଯଦିଓ ମୁଁ ବିଶ୍ୱାସ କରେ ଯେ ଭାଇ ଲିଓ ଏହା ବିଷୟରେ ନିଷ୍କପଟ ହେବାକୁ ଚେଷ୍ଟା କରିଥିଲେ ।

19 ମାତ୍ର ଏହା ଠିକ୍ ଶୁଭାଯାଉ ହିଁ ନ ଥିଲା, କାରଣ, ଦେଖନ୍ତୁ, ଆମ ପ୍ରଭୁ ଯୀଶୁ ତାହା କେବେ କରି ନ ଥିଲେ । ବୁଝିଲେ? ଏବଂ ସେ ଡାକ୍ତରଖାନାଗୁଡ଼ିକୁ ଗଲେ । ସେହି ଡାକ୍ତରଖାନାରେ ଜଣେ ଥିଲା । ବାଇବଲରେ ଏହା କେଉଁଠାରେ ଥିଲା କଅଣ ଆପଣମାନଙ୍କର ତାହା ମନେ ଅଛି? ବେଥସାଇଦା ପୁଷ୍କରିଣୀ । ବହୁ ସଂଖ୍ୟକ ଅସହାୟ ଲୋକ ସେଠାରେ ପଡ଼ି ରହିଥିଲେ, ପଙ୍ଗୁ, ଛୋଟା, ଅନ୍ଧ, କ୍ଷୀଣ ଲୋକମାନେ, ସ୍ୱର୍ଗଦୂତଙ୍କୁ ଅପେକ୍ଷା କରି ରହିଥିଲେ । ତେବେ, ତାହା ଏକ ଆଧ୍ୟାତ୍ମିକ ଡାକ୍ତରଖାନାରେ ଥିଲା ଯେଉଁଠାରେ ଲୋକମାନେ ଦିବ୍ୟ

ଆରୋଗ୍ୟତାକୁ ଅପେକ୍ଷା କରି ରହିଥିଲେ । ଆଉ ଏଠାରେ ତ ସେହି ଦିବ୍ୟ ଆରୋଗ୍ୟକାରୀ ନିଜେ ଭିତରକୁ ଆସିଲେ ଓ ଜଣକାକୁ ସୁସ୍ଥ କଲେ ଏବଂ ଚାଲିଗଲେ । ତେଣୁ ଆପଣ ଆଶା କରିପାରନ୍ତି ନାହିଁ ଯେ ଜଣେ ମରଣଶୀଳ ବ୍ୟକ୍ତି ଆସିବେ, କିମ୍ବା ଏପରି ଏକ ସେବାକାର୍ଯ୍ୟ ହେବ, ଯାହାକି ତାହାଠାରୁ ବଡ଼ ହେବ ଯାହା ରହିଥିଲା । ବୁଝିଲେ? ମୁଁ ତାହା ସହିତ ସହମତ ହୋଇପାରିବି ନାହିଁ ।

20 ମାତ୍ର ଯେତେବେଳେ ମୁଁ ବୁଲି ପଡ଼ିବାକୁ ଆରମ୍ଭ କଲି, ପବିତ୍ର ଆତ୍ମା ମୋ ଉପରକୁ ଆସିଲେ । ମୁଁ ଲିଓକୁ ଗୋଟିଏ କଲମ ମାଗିଲି । ମୁଁ ଖଣ୍ଡେ କାଗଜ ନେଲି, ଏବଂ ମୁଁ ଏହାକୁ ଲେଖିଲି । ଏହା ଆଜି ତାଙ୍କର ଟଣା ଟ୍ରେଲର ଗାଡିରେ ଅଛି, ଯଦି ଆପଣ ସେଠାକୁ କେବେ ଯାଆନ୍ତି ଯେଉଁଠାରେ କି ତାହା ଅଛି । ଏହା ସେହି ପୁରୁଣା ଆଲୁମିନିୟମ ଟ୍ରେଲର ଗାଡି ଅଟେ ଯେଉଁଠାରେକି ମୋର ଲଦା ଲଦି କାର୍ଯ୍ୟର ପୋଷାକ ରହିଥିଲା । ଯେପରି ଆପଣ ଦ୍ୱାର ଦେଇ ଭିତରେ ପ୍ରବେଶ କରିବେ, ସେଠାରେ ଠିକ୍ ଟ୍ରେଲର ସମ୍ମୁଖରେ, ତାହା-ଣ ପାର୍ଶ୍ୱରେ ଏକ ଥାକ ଅଛି । ଏହା ସେଠାରେ ତଳେ ରହିଛି । ମୁଁ ଏହାକୁ ସେଠାରେ ରଖିଛି । କହିଲେ, "କୌଣସି ଦିନ ତୁମେ ଏହାକୁ ବାହାର କରିପାରିବ । 'ପରମେଶ୍ୱର କଦାପି ସେବାକାର୍ଯ୍ୟକୁ ପରିବର୍ତ୍ତନ କରିବେ ନାହିଁ, ମାତ୍ର ସେ ସେହି ସେବାକାର୍ଯ୍ୟରେ ଥିବା ସେହି ବ୍ୟକ୍ତିଙ୍କୁ ପରିବର୍ତ୍ତନ କରିବେ ।'" ତାହା ହିଁ କରାଯିବା ଉଚିତ୍ ଅଟେ ।

21 ଦେଖନ୍ତୁ, ମୁଁ—ମୁଁ ଜାଣେ ଯେ ମୋତେ କଅଣ କରିବାକୁ ହେବ, ମାତ୍ର ମୁଁ—ମୁଁ—ମୁଁ ପାରେ ନାହିଁ, ମୁଁ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି ସେଥିରେ ଏହା କରିପାରେ ନାହିଁ । କାରଣ, ମୋତେ କରିବାକୁ ହେବ...ମୋ ଭିତରେ କିଛି ଗୋଟାଏ ଘଟିବାକୁ ହେବ, ତାହା କରିବା ପାଇଁ ପରମେଶ୍ୱରଙ୍କ ଆବଶ୍ୟକ ଅଟେ ।

22 ଆମେମାନେ ଘରକୁ ଫେରିବାର ଲକ୍ଷ୍ୟ ରଖୁଛୁ । ପିଲାମାନେ ଘରମୁହାଁ ହୋଇଛନ୍ତି, ସେମାନେ ସମସ୍ତେ ଫେରିଯିବାକୁ ଚାହୁଁଛନ୍ତି । ତେଣୁ ମୁଁ ସେମାନଙ୍କୁ ଫେରାଇ ନେବା ପାଇଁ ଚିନ୍ତା କରୁଛି, ପ୍ରଭୁଙ୍କ ଇଚ୍ଛା ହେଲେ, ବୋଧହୁଏ ଶନିବାର ଦିନ ସେବା ପରେ, ଆଉ ତାହାପରେ ଫେରିଯିବୁ । ସେଠାରୁ ତାହାପରେ, ମୁଁ ଜାଣେ ନାହିଁ । ମାତ୍ର ମୁଁ ଜାଣେ ଯେ ଶୀଘ୍ରାତି ଶୀଘ୍ର ଯେତେବେଳେ କିଛି ଗୋଟାଏ ମୋ ଭିତରେ ଘଟେ, ଯାହା ମୋତେ ଲୋକମାନଙ୍କ ପ୍ରତି କିଛି ଅନୁଭବ କରାଏ, ଯାହାକି ତାହାଠାରୁ ଭିନ୍ନ ଅଟେ ଯାହା ମୁଁ ବର୍ତ୍ତମାନ ଅନୁଭବ କରୁଅଛି । ମୁଁ ଲୋକମାନଙ୍କୁ—ଙ୍କୁ ପ୍ରତ୍ୟାଖ୍ୟାନ କରି ଦେଇଥିଲି, ଦେଖନ୍ତୁ, ଆଉ ମୁଁ—ମୁଁ ସେମାନଙ୍କ ସହିତ କିଛି ହେଲେ କରିବାକୁ ଚାହୁଁ ନ ଥିଲି । ଆପଣ ଜାଣିଛନ୍ତି ଯେ ମୋର କହିବାର ଅର୍ଥ କଅଣ ଅଟେ, ଯେପରି ମୁଁ କହିଥାଏ "ରିକି, ରିକେଟା," ସେମାନଙ୍କ ପାଖରେ ସେହି ବିଷୟଗୁଡିକ ରହିଥିଲା ଯାହା ସେମାନେ କରିଥିଲେ । ମୁଁ ସମସ୍ତ ନିଷ୍ଠାପରତାର ସହ ପ୍ରଚାର କଲି, ଏବଂ ପରମେଶ୍ୱର ଏହାକୁ ପ୍ରତ୍ୟେକ ଉପାୟରେ ସୁନିଶ୍ଚିତ କରିଥିଲେ । "ଏବଂ ଯଦି ସେମାନେ ଏହାକୁ ବିଶ୍ୱାସ କରିବାକୁ ଚାହାଁନ୍ତି ନାହିଁ, କାହିଁକି, ତେବେ ସେମାନଙ୍କୁ ଏକାକୀ ଛାଡିଦିଅ ।"

23 ଆଗାମୀ ହେମନ୍ତ ଋତୁରେ ମୁଁ ସେଠାକୁ, ବଡ୍ ସହିତ ଯୋଗଦେବା ପାଇଁ ଯାଉଅଛି, ସେଠାକାର ପୋଷାକଗୁଡ଼ିକ ନେବା ଆରମ୍ଭ କରି ଦେଇଅଛି । ଜଙ୍ଗଲରେ ଅପେକ୍ଷା କରିବି, ମୋର କେଶ ଏବଂ ଦାଢୀ ବଢିବାକୁ ଦେବି । ଏବଂ ଯଦି ପ୍ରଭୁ ଚାହାଁନ୍ତି ଯେ ମୁଁ କେଉଁ ସ୍ଥାନକୁ ଯାଏ, ତାହାହେଲେ ସେ ମୋତେ ଏକ ବାର୍ତ୍ତା ପଠାଇବେ, ଏବଂ ମୁଁ ସେଠାକୁ ଯାଇ ତାହା କରିବି ।

24 ଏବଂ ଅନ୍ୟ ଦିନ, ମାର୍ଗରେ ଆସିବା ବେଳେ, ସେ ମୋତେ ଅଟକାଇଲେ । ଆଉ ମୁଁ ଦେଖିଲି ଯେ କେଉଁଠାରେ ସେହି...ମୁଁ କେଉଁଠାକୁ ଆସୁଥିଲି । ମୁଁ—ମୁଁ ବର୍ତ୍ତମାନ ଅନ୍ୟ କୌଣସି ବିଷୟର ମାର୍ଗରେ ଅଟେ । ଆଉ ମୁଁ ଭାବିଲି, ଯେତେବେଳେ ମୁଁ ଘରେ ପହଞ୍ଚିବି, ମୁଁ ହୃଦୟ-ରୁ-ହୃଦୟ କଥାବାର୍ତ୍ତା ବୋଲି ଯାହାକୁ କହନ୍ତି ତାହା କରିବି, ବୋଧହୁଏ ଏହାକୁ ଟେପରେ ରଖିଦେବି, ଏବଂ ତାହାପରେ ଓ ଯେପରିକି ଜନସାଧାରଣ ଏହା ଦେଖନ୍ତି ଯେ ସେହି ହଠାତ୍ ପରିବର୍ତ୍ତନ କାହିଁକି ହେଲା ।

25 ତେବେ, ତୁମେ ସାନ ପିଲାମାନେ, ଆସୁ ଆମେ କେବଳ...ଆସୁ ଆମେ ଅଳ୍ପ ଟିକିଏ ପ୍ରାର୍ଥନା କରିବା ।

26 ପ୍ରଭୁ ଯୀଶୁ, ଆମେ ଏହି ସମୟ ପାଇଁ କୃତଜ୍ଞ ଅଟୁ, ଏହା ଜାଣିବା ହେତୁ ଯେ ଆମେ ଏଠାରେ ଏକତ୍ରିତ ହୋଇଅଛୁ, ଯୁବା ଓ ବୃଦ୍ଧ, ଏବଂ ମଧ୍ୟ-ବୟସ୍କ ଲୋକମାନେ । ଏବଂ ଆମେ ଅନନ୍ତତାର ଏହି ପାର୍ଶ୍ୱରେ, ତୁମ ବିଷୟରେ ପୁଣି ଥରେ କହିବାକୁ, ଏବଂ ଅନନ୍ତ ଜୀବନ ସହିତ ଜଡ଼ିତ ସେହି ବିଷୟଗୁଡ଼ିକ ସମ୍ବନ୍ଧରେ କହିବାକୁ ଏକତ୍ରିତ ହୋଇଅଛୁ ।

27 ଏବଂ ଆଜି ରାତ୍ରି ଏଠାରେ ବସିଥିବା ଏହି ଯୁବା ଲୋକମାନେ, ସେମାନଙ୍କ ମଧ୍ୟରୁ କେତେକ ସ୍ନାତକ ହେଉଛନ୍ତି, କେତେକେ ସ୍ନାତକ ହୋଇସାରିଛନ୍ତି । ମାତ୍ର ପ୍ରଭୁ, ମୁଁ ହୃଦୟଙ୍ଗମ କରେ, ଯେ ଏପରି କିଛି ଯାହାକି ସେହି ବିରାଟ ବଡ଼ ଧକ୍କା, କିଅବା ବଡ଼ ବିସ୍ଫୋରଣର କିଛି ଘଣ୍ଟା ପୂର୍ବରୁ ଘଟିଥିଲା, ଯାହାକି ସେଠାରେ ଟ୍ୟୁସାନର ଉତ୍ତରରେ, ପର୍ବତର ଉପରେ ଘଟିଥିଲା, ଯେଉଁଠାରେ ପ୍ରଭୁଙ୍କର ସ୍ୱର୍ଗଦୂତମାନେ ତଳକୁ ଓହ୍ଲାଇ ଆସିଥିଲେ । ମୋର ମନେ ଅଛି ଯେ କଅଣ କୁହାଯାଇଥିଲା, ଏବଂ—ଏବଂ ବିଶେଷକରି ଯୁବା ଲୋକମାନଙ୍କ ବିଷୟରେ । ପ୍ରଭୁ, ମୁଁ ତୁମଠାରେ ପ୍ରାର୍ଥନା କରୁଛି ଯେ, ତୁମେ ଆମକୁ ବୁଝିବାରେ ସାହାଯ୍ୟ କରିବ । ଏବଂ ଏହା ହେଉ ଯେ ମୁଁ ଆଜି ରାତ୍ରି, ଏହି ଯୁବା ଲୋକମାନଙ୍କୁ ଏପରି କିଛି କହିବାକୁ ସକ୍ଷମ ହେବି, ଯାହାକି ସେମାନଙ୍କୁ ସେହି ଯାତ୍ରାରେ ସାହାଯ୍ୟ କରିବ । କାରଣ, ପ୍ରଭୁ, ଆମେ ସମସ୍ତେ ଏହି ସମୟରେ ସେହି ସାହାଯ୍ୟକୁ ଆବଶ୍ୟକ କରୁଅଛୁ ।

28 ଆମ ସମସ୍ତଙ୍କୁ ଏକାଠି ଆଶୀର୍ବାଦ କର । ଆମର ପାପଗୁଡ଼ିକୁ କ୍ଷମା କର । ଏବଂ ଯଦି ଆମେ ଏପରି କିଛି କାର୍ଯ୍ୟ କରିଅଛୁ ଯେଉଁ ଦିନଠାରୁ ଆମେ ଏଠାରେ ବାହାରେ ରହିଛୁ, ଯାହାକି ତୁମକୁ ଅସନ୍ତୁଷ୍ଟ କରିଅଛି, ତେବେ ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆମକୁ ତାହା ପାଇଁ କ୍ଷମା କରିଦେବ । ଯେହେତୁ ଆମେ, ଆଜି ଏହା ଅନୁଭବ କରୁ, ଯେ ଆମର

ଆସନ୍ତାକାଲିର ନିମନ୍ତେ କୌଣସି ନିଶ୍ଚିତତା ନାହିଁ—ନାହିଁ। ଆସନ୍ତାକାଲି କଣ ନେଇକି ଆସିବ ଆମେ ଜାଣିନାହୁଁ। ଆସନ୍ତାକାଲିକୁ ସାକ୍ଷାତ କରିବା ପାଇଁ ଆମେ ଆଜି ପ୍ରସ୍ତୁତ ହେବା ଉଚିତ୍। ଏବଂ, ପିତା ପରମେଶ୍ୱର, କେବଳ ଗୋଟିଏ ମାତ୍ର ଉପାୟ ଅଛି ଯେ ଆମେ ଏହା କରିବୁ ବୋଲି ଜାଣିଛୁ, ତାହା ହେଲା, ତୁମକୁ ଦେଖିବା ପାଇଁ ପ୍ରସ୍ତୁତ ହେବା, କାରଣ ସମୟ ଗଡ଼ି ଯାଉଥିବା ବେଳେ ଆମେ ଏହା ଅନୁଭବ କରୁ ଯେ ଆମେ ସମସ୍ତେ ଏହା କରିବାକୁ ଯାଉଅଛୁ। ଏବଂ ଆମକୁ ଏହା ସହିତ କୌଣସି ସମୟରେ ସାକ୍ଷାତ କରିବାକୁ ହେବ, ବନ୍ଧୁ କିମ୍ୱା ଶିଶୁ ଭାବରେ, ଶାନ୍ତି ସମୟରେ, କିଅବା ଶତ୍ରୁ ଭାବରେ। ହେ ପ୍ରଭୁ, ଏହା ନ ହେଉ, ଯେ ଆମେ ତୁମର ନିଜର ପ୍ରିୟ ସନ୍ତାନ ବ୍ୟତୀତ ଆଉ ଅନ୍ୟ କିଛି ହେଉ। ଏହି ବିଷୟଗୁଡ଼ିକୁ ପ୍ରଦାନ କର, ଯୀଶୁଙ୍କ ନାମରେ ଆମେ ମାଗୁଅଛୁ। ଆମେନ୍।

29 ଆଜି, ଯେତେବେଳେ ମୁଁ ଅନା ବନା ଘାସ କାଟୁଥିଲି, ଆଜି ସକାଳେ ଅତି ପ୍ରଭାତରେ, ମୁଁ ବାଇବଲରେ ଏକ ସ୍ଥାନ ପାଇଲି, ମୁଁ ଭାବିଲି ଏହି ସମୟରେ ତାହା ପାଠ କରିବା ଏକ ଭଲ ବିଷୟ ହେବ। ଏବଂ ଏହା ଏକ...ହୁଏତ ଅତ୍ୟଧିକ ଚମତ୍କୃତ ଭାବେ ଯୁକ୍ତିଯୁକ୍ତ ହୋଇ ନ ପାରେ, ମାତ୍ର ମୁଁ ଭାବିଲି ଯେ କେବଳ...କେବଳ ଅଳ୍ପ—ଅଳ୍ପ କେତେକ ମିନିଟ୍, କଥାବାର୍ତ୍ତା କରିବା ନିମନ୍ତେ ଉଚିତ୍ ହେବ। ମୁଁ ଏହାକୁ ସାଧୁ ଲୂକର ୧୮ଶ ପର୍ବରୁ ପାଠ କରିବାକୁ ଚାହେଁ। ସମସ୍ତ ଚାରୋଟି ଯାକ ସୁସମାଚାର ଲେଖକ ଏହା ବିଷୟରେ ଲେଖନ୍ତି। ୧୮ଶ ପର୍ବ ଏବଂ ତାର ୧୮ଶ ପଦ।

*ଜଣେ ଅଧ୍ୟକ୍ଷ ତାହାଙ୍କୁ, ପଚାରିଲେ, ହେ ସତ୍‌ଗୁରୁ, ଅନନ୍ତ ଜୀବନର ଅଧିକାରୀ ହେବା ନିମନ୍ତେ ମୁଁ କଅଣ କରିବି?*

*ସେଥିରେ ଯୀଶୁ ତାଙ୍କୁ କହିଲେ, ମୋତେ ସତ୍ ବୋଲି କାହିଁକି କହୁଅଛ? ଜଣଙ୍କ ବିନା, ଅର୍ଥାତ୍, ପରମେଶ୍ୱରଙ୍କ, ବିନା ଅନ୍ୟ କେହି ସତ୍ ନୁହେଁ।*

*ଆଜ୍ଞାଗୁଡ଼ିକ ତ ତୁମେ ଜାଣ, ବ୍ୟଭିଚାର କର ନାହିଁ, ନରହତ୍ୟା କର ନାହିଁ, ଚୋରି କର ନାହିଁ, ମିଥ୍ୟାସାକ୍ଷ୍ୟ ଦିଅ ନାହିଁ, ଆପଣା ପିତା...ମାତାଙ୍କୁ ସମାଦର କର।*

*ସେ...କହିଲେ, ଏହିସମସ୍ତ ମୁଁ ଯୌବନକାଳରୁ, ପାଳନ କରି ଆସିଅଛି।*

*ଯୀଶୁ ଏହା ଶୁଣି, ତାଙ୍କୁ କହିଲେ, ତୁମ୍ଭର ଆଉ ଗୋଟିଏ ବିଷୟ ଊଣା ଅଛି: ତୁମ୍ଭେ ଆପଣା ସର୍ବସ୍ୱ ବିକ୍ରୟ କରି, ଦରିଦ୍ରମାନଙ୍କୁ ବିତରଣ କର,...ତୁମ୍ଭେ ସ୍ୱର୍ଗରେ ଧନ ପାଇବ:...ଆସି, ମୋହର ଅନୁଗମନ କର।*

30 ମୁଁ ଭାବୁଛି, ସେହି ଶବ୍ଦ, *ଆସି, ମୋହର ଅନୁଗମନ କର,* ତାହାହିଁ ସବୁଠୁଁ ସର୍ବଶ୍ରେଷ୍ଠ ଉପଦେଶ ହେବ ଯାହାକି ମୁଁ ଦେଇପାରେ ଯଦି ମୁଁ ଦଶ ହଜାର ପିଲାଙ୍କ ସହ କଥାବାର୍ତ୍ତା କରୁଥାଏ, କିଅବା ଯଦି ମୁଁ କେବଳ ତାହା କଥା ହୁଏ ଯେ ମୁଁ କଅଣ ଅଟେ। ଏହା ଏକ ଆଜ୍ଞା

ଅଟେ, ଏବଂ ସବୁଠାରୁ ମହାନ ବିଷୟ ଅଟେ ଯାହାକି ମୁଁ ଭାବୁଛି ଯେ କାହାରିକୁ କଦାପି ଦିଆ ଯାଇଥିଲା, ଏବଂ ବିଶେଷକରି ଜଣେ ଯୁବା ଲୋକକୁ, "ମୋହର ଅନୁଗମନ କର ।"

31 ଆପଣ କାହାରି ଜଣକାକୁ ଅନୁଗମନ କରିବାକୁ ଯାଉଛନ୍ତି । ତେବେ, ଆପଣ କେବଳ... ଆପଣ ତାହା ମନେ ରଖିପାରନ୍ତି । ଆପଣ କାହାରି ଜଣକାକୁ ଅନୁସରଣ କରିବାକୁ ଯାଉଛନ୍ତି । ଏବଂ ଆପଣ ଯେଉଁ ଉପାୟରେ ସେହି ବ୍ୟକ୍ତିଙ୍କୁ ଅନୁସରଣ କରନ୍ତି, ଏଥିରେ ସୁନିଶ୍ଚିତ ହୁଅନ୍ତୁ ଯେ, ଏହି ବ୍ୟକ୍ତି ଜଣକ କାହାକୁ ଅନୁସରଣ କରୁଛନ୍ତି । ବୁଝିଲେ? ଆମେ...

32 ପାଉଲ ଥରେ କହିଥିଲେ, "ମୁଁ ଯେପରି ଖ୍ରୀଷ୍ଟଙ୍କ ଅନୁଗାମୀ ତୁମେମାନେ ମୋର ଅନୁଗାମୀ ହୁଅ ।" ଅନ୍ୟ ଶବ୍ଦରେ, "ଯେପରି ମୁଁ ଖ୍ରୀଷ୍ଟଙ୍କୁ ଅନୁସରଣ କରେ, ତୁମେମାନେ ମୋତେ ଅନୁସରଣ କର ।"

33 ଆଉ ତେବେ, ଏହି ମୋଡ଼ରେ, ଜୀବନର ଏହି—ଏହି ପର୍ଯ୍ୟାୟରେ ଯେଉଁଠାରେ ଆମେ ସମସ୍ତେ ଆସିଥାଉ । ଏବଂ ଅନେକ ଥର ଆପଣ ମୋତେ ପାଟି କରିଥିବାର ଶୁଣିଛନ୍ତି "ରିକି, ରିକେଟା," ଏବଂ ବିଷୟମାନ । ଏହା, ଏହା ତ ସେହି ଯୁଗ ଅଟେ । ଏହା ତ ସେହି ଯୁଗ ଯେଉଁଥିରେ ଆମେ ବାସ କରୁଅଛୁ । ଏହା ପ୍ରକୃତରେ ସେହି ଲୋକମାନେ ନୁହଁନ୍ତି ।

34 ସେହି ଲୋକମାନେ ତ ଆମ ପରି ଲୋକ ଅଟନ୍ତି । ସେହି ପିଲାମାନେ ଏଠାରେ ଏହି ଅତି ଦୃତ ବେଗର ଗାଡି ସହିତରେ ରାସ୍ତାର ଉପର-ଓ-ତଳ ଦୌଡୁଛନ୍ତି, ଏବଂ ସେମାନଙ୍କର ଯେପରି ଇଚ୍ଛା ସେମାନେ କରି ଚାଲିଛନ୍ତି, ସିଗାରେଟ୍ ଟାଣୁଛନ୍ତି ଏବଂ ମଦ ପିଉଛନ୍ତି, ପୁଣି ଝିଅମାନେ ଅନୈତିକ ଭାବରେ ପୋଷାକ ପିନ୍ଧୁଛନ୍ତି, ଏବଂ ବିଭିନ୍ନ ବିଷୟଗୁଡିକ କରୁଛନ୍ତି, ସେମାନେ ଝିଅ ଏବଂ ପୁଅମାନେ ଯେପରିକି ଆମେ ଅଟୁ । ବୁଝିଲେ? ସେମାନେ ମଣିଷ ଅଟନ୍ତି । ସେମାନେ ପ୍ରେମ କରନ୍ତି । ସେମାନେ ଖାଆନ୍ତି । ସେମାନେ ପିଅନ୍ତି । ସେମାନେ ନିଦ୍ରା ଯାଆନ୍ତି । ସେମାନେ ନିଶ୍ୱାସ ନିଅନ୍ତି । ସେମାନେ ମରନ୍ତି । ସେମାନେ ଆମ ପରିକା ଲୋକମାନେ ଅଟନ୍ତି । ଏବଂ ତଥାପି ସେମାନେ ରହିଛନ୍ତି...

35 ସେମାନେ ଏକ ମନ୍ଦ ଆତ୍ମା ଦ୍ୱାରା ଗ୍ରସିତ ଅଟନ୍ତି । ସେମାନେ ଏହା ଜାଣନ୍ତି ନାହିଁ । ଲୋକମାନଙ୍କ କାରଣରୁ—ରୁ ନୁହେଁ, ବରଂ ଯେହେତୁ, ବେଳେବେଳେ, କୌଣସି ନେତା ଯାହାଙ୍କୁ ସେମାନେ ଅନୁସରଣ କରୁଥାଆନ୍ତି ସେମାନଙ୍କୁ ଭୁଲ୍ ରାସ୍ତାରେ କଢାଇ ନେଇଥାଏ ।

36 ତେବେ, ଝିଅ ଏବଂ ପୁଅ ପିଲାମାନେ ତୁମେ ଏହାଠାରୁ ଉତ୍ତମ ଜାଣିଛ । ତୁମେ ଜାଣିଛ । ତୁମକୁ ଏହାଠାରୁ ଉତ୍ତମ ଶିକ୍ଷା ଦିଆ ଯାଇଅଛି । ସେହିପରି ଏକ ବିଷୟ କରିବା ଅପେକ୍ଷା ତାହାଠାରୁ ଅଧିକ ଉତ୍ତମ ଶିକ୍ଷା, ଅଧିକ ଉତ୍ତମ ପିତାମାତା ତୁମେ ପାଇଅଛ । ତୁମେ ଉତ୍ତମ ଜାଣିଛ ।

37 ମାତ୍ର ସେମାନେ ଜାଣନ୍ତି ନାହିଁ, ଦେଖନ୍ତୁ, କାରଣ ସେହି ମଣ୍ଡଳୀମାନ ଯେଉଁଠାକୁ ସେମାନେ ଯାଆନ୍ତି ତାହା ଆଧୁନିକ ମଣ୍ଡଳୀମାନ, ଆଧୁନିକବାଦୀ ଅଟେ । ଏବଂ ସେମାନେ—ସେମାନେ କେବଳ ସେହି ଦିନ ପାଇଁ ବଞ୍ଚିଥାଆନ୍ତି, ଅଧିକ ଲୋକପ୍ରିୟ ହେବା

ପାଇଁ ଚାହାଁନ୍ତି । ଏବଂ, ଓଃ, ମୋର ପ୍ରଭୁ! କଅଣ...ନୈତିକତା ସେମାନଙ୍କ ପାଇଁ ଗୁଣ ହୋଇ ଯାଇଅଛି । ବୁଝିଲେ? ତେଣୁ ସେମାନେ, କଅଣ...ଯେପରିକି ମୁଁ ଥରେ କହିଥିଲି, ଏକ ନାଟକରେ ଯାହା ମୁଁ ଏଠାରେ ତଳେ ଦେଖିଥିଲି, ଅଳ୍ପ କିଛି ଦିନ ପୂର୍ବରୁ, ସଦୋମ ଏବଂ ଗମରା ବିଷୟରେ, ଯେ ଏହି ଦୁଷ୍ଟ-ପ୍ରବୃତ୍ତିର ସ୍ତ୍ରୀଲୋକଟି ଲୋଟକୁ—କୁ କହିଲା, "ଯାହାକୁ ତୁମେ ଅନୈତିକ ବୋଲି କହୁଛ, ମୁଁ ଗୁଣ ବୋଲି କହେ ।"

38 ଯୀଶୁ କହିଲେ, "ନେହାଙ୍କ ସମୟରେ ଯେପରି ଥିଲା, ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ତାହାହିଁ ହେବ ।" ତେଣୁ ଆମେ ପୁନର୍ବାର ସେହି ସ୍ଥାନକୁ ଫେରି ଆସିଅଛୁ ।

39 ଆସନ୍ତୁ କିଛି ମିନିଟ୍ ପାଇଁ, ଏହି ବ୍ୟକ୍ତିଙ୍କୁ ଦେଖିବା, ଯାହା ବିଷୟରେ ଆମେ ପାଠ କରିଛୁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ପିଲାଟି ଏକ ଭଲ ଘରେ ଜନ୍ମ ହୋଇଥିଲା, ଯେପରିକି ତୁମେ ପିଲାମାନେ ଅଟ । ସେ ଭଲ ପିତାମାତାଙ୍କ ଗହଣରେ ପାଳିତ ହୋଇଥିଲେ । କାରଣ, ଯେତେବେଳେ ଯୀଶୁ ତାଙ୍କୁ ପରମେଶ୍ୱରଙ୍କ ଆଜ୍ଞା ଉପସ୍ଥାପନ କଲେ, ଏହା ତାହାକୁ ପ୍ରମାଣ କରିଥିଲା । ସେ କହିଲେ, "ମୁଁ ଯୌବନକାଳରୁ ଏସବୁ ପାଳନ କରି ଆସିଅଛି ।" ଏହା ଦର୍ଶାଇଲା ଯେ ସେ ଥିଲେ—ସେ ରହିଥିଲେ—ସେ ସଠିକ୍ ଭାବରେ ପାଳିତ ହୋଇଥିଲେ । ସେ କେବଳ ଜଣେ ହଠାତ-କିଛି କେଉଁଠାରୁ ଆସିଥିବା ବ୍ୟକ୍ତି ନ ଥିଲେ । ଏବଂ ଆପଣ ଜାଣନ୍ତି, ସେ—ସେ ଏପରି ଭାବରେ ପାଳିତ ହୋଇଥିଲେ ଯେ ସେ ଜାଣିଥିଲେ କଅଣ ଠିକ୍ ଅଟେ, ଯେପରିକି ତୁମେ ପିଲାମାନେ ଅଟ । ସମ୍ଭବତଃ ଏକ ପରମେଶ୍ୱର ଭୟାଳୁ ମାଆ ଓ ବାପାଙ୍କ ଅଧୀନରେ ବଢିଥିଲେ, ଯିଏକି ତାହାଙ୍କୁ—ଙ୍କୁ—ଙ୍କୁ ସଠିକ୍ ଶିକ୍ଷା ଦେଇଥିଲେ, ଯେତେବେଳେ ସେ ଏକ ବାଳକ ହିଁ ଥିଲେ । ତେବେ, ତାହା ଉତ୍ତମ ଅଟେ ।

40 ବୋଧହୁଏ, ଏକ ଛୋଟ ଶିଶୁ ରହିଥିବା ବେଳେ, ତାଙ୍କ ମାଆଙ୍କର ଏହା ଉଚ୍ଚାଭିଳାଷ ରହିଥିବ ଯେ ସେ ଦିନେ ଜଣେ ମହାନ ବ୍ୟକ୍ତି ହେବେ । ତାଙ୍କ ପିତାଙ୍କ ପାଖରେ ଯଥେଷ୍ଟ ଧନ ରହିଥିଲା, ଯାହାକି ତାଙ୍କୁ ବିଦ୍ୟାଳୟରେ ଶିକ୍ଷା ଦେଇ ପାରିଥିଲା ଏବଂ—ଏବଂ ତାଙ୍କୁ ଏପରି ଏକ ଶିକ୍ଷା ଦେଇପାରିଥିଲା ଯେ ସେ କରିପାରିଥାନ୍ତେ...ସେ ଏକ ଭଲ ଶିକ୍ଷା ପ୍ରାପ୍ତ କରି ବାହାରି ଆସନ୍ତେ ଏବଂ ଜଗତରେ କିଛି ହୋଇପାରିବା ପାଇଁ ସକ୍ଷମ ହୁଅନ୍ତେ । ଆଉ ଏହି ମାଆ ଓ ବାପାଙ୍କ ନିଷ୍ଠାପରତା ସହିତ, ଏହି ପିଲା ଶିକ୍ଷା ଲାଭ କଲେ, ଏବଂ ବୋଧହୁଏ ତୁମମାନଙ୍କ ପରି ସେ ତାଙ୍କର ସ୍ନାତକର ସମୟକୁ ଆସିଲେ, ଦେଖନ୍ତୁ, ସେହି ସମୟ ଯେତେବେଳେକି ସେ ବିଦ୍ୟାଳୟ ଦେଇ ଗଲେ ଏବଂ ନିଜର ଶିକ୍ଷା ଲାଭ କଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ବୋଧହୁଏ ସେହି ମାଆ ଓ ବାପାଙ୍କ ଜୀବନର—ର ଗର୍ବ ଏବଂ ଆନନ୍ଦ ଥିଲେ । ନିଃସନ୍ଦେହତଃ, ସେହି ଦିନମାନଙ୍କରେ, ତାଙ୍କ ପାଖରେ ଭଲ ଘୋଡାମାନ ରହିଥିଲା, ଯେପରିକି ତୁମମାନଙ୍କ ପାଖରେ ମୋଟର ଗାଡିମାନ ରହିଛି, ଏବଂ ଜଣେ ଭଲ ବାପା ଓ ମାଆ ରହିଥିଲେ ଯେପରିକି ତୁମ ସମସ୍ତଙ୍କର ଅଛି, ଯେଉଁମାନେକି ଏହା ଦେଖାଶୁଣା କରନ୍ତି, ଯେ ତୁମ ପାଖରେ ଭଲ ପୋଷାକ ରହିଥିବ, ଏବଂ—ଏବଂ ଏକ କାର୍ ରହିଥିବ, ଆଉ କରିପାର...

ଏବଂ ଜୀବନକୁ କେବଳ ଉପଭୋଗ କରିପାର, ଠିକ୍ ଏପରି କିଛି ଯାହାକି ଆଜି ତୁମ ପାଖରେ ରହିଥାଏ।

41 ଏବଂ ପିତା ଓ ମାତା ଏଥି ସହିତ...ନିରନ୍ତର ପ୍ରାର୍ଥନା କରୁଥାଆନ୍ତି ଯେ—ଯେ ସେମାନଙ୍କର ପୁଅ କେବଳ ଜଣେ ସାଧାରଣ ମଣିଷ ନ ହୋଇଯାଉ, ବରଂ ସେ ଯେ ଜଣେ ଅସାଧାରଣ ବ୍ୟକ୍ତି ହେଉ। ସମସ୍ତ ପିତାମାତା ତାହାହିଁ ଚାହାଁନ୍ତି। କଅଣ ଆପଣ ଯୀଶୁଙ୍କୁ ସେହି ଆଜ୍ଞାକୁ ଉଲ୍ଲେଖ କରୁଥିବାର ଶୁଣିଲେ, "ନିଜର ପିତାମାତାଙ୍କୁ ସମାଦର କର," ତାହାପରେ ଅଟକି ଗଲେ? ବୁଝିଲେ? ଏବଂ ତାହା ଯେକୌଣସି ପିତାମାତାଙ୍କର ଅଭିଳାଷ ଅଟେ, ଯେ ନିଜର ପିଲାମାନଙ୍କ ପାଇଁ ସର୍ବୋତ୍ତମ କରିବେ, ଯାହା ସେମାନେ ପାରିବେ, ସେମାନଙ୍କୁ ଶିକ୍ଷିତ କରିବେ, ସେମାନଙ୍କୁ ସେହି ବିଷୟସବୁ ଦେବେ ଯାହାକି ସେମାନେ ନିଜେ ବୋଧହୁଏ ତାହା ପାଇବାକୁ ସକ୍ଷମ ହୋଇ ନ ଥିଲେ। ଠିକ୍ ତାହାହିଁ ମୁଁ ମୋ ପିଲାମାନଙ୍କ ବିଷୟରେ ଅନୁଭବ କରେ।

42 ମୁଁ ବେଳେବେଳେ, ଭାବେ, ବିଦ୍ୟାଳୟକୁ ଯିବା ବିଷୟରେ, ବର୍ତ୍ତମାନ; ମୁଁ ଭାବେ, ବେକି ଏବଂ ସାରା ଓ ଜୋସେଫଙ୍କୁ ଏହି ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଏବଂ ଏହି ବିଷୟକୁ ପଠାଉ ଅଛି, ଯେଉଁଠାରେକି ଏହି ସବୁ ବିଷୟ-ହେଉଥିବାର ଚାଲିଥାଏ? ମୁଁ ଭାବେ ମୁଁ ସେମାନଙ୍କୁ ନେଇ ପର୍ବତକୁ ଫେରିଯିବି, ଏବଂ—ଏବଂ ସେମାନଙ୍କୁ ସେଠାରେ...ସହିତରେ ଲାଳନ ପାଳନ କରିବି ଯେପରିକି ମୂଳ ଅଧିବାସୀ ଭାରତୀୟମାନେ ରୁହନ୍ତି।

43 ମାତ୍ର ଏଠାରେ ତାହା ଅଛି ଯାହାକି ଏହା ଅଟେ। ପିଲାଟି ଭିତରେ ଯାହା ଅଛି ତାହାହିଁ ବାହାରକୁ ଆସିବାକୁ ଯାଉଅଛି। ଏଥିରେ କିଛି ଯାଏ ଆସେ ନାହିଁ ଯେ ତାହା କେଉଁଠାରେ, ଏହାକୁ ତ, ଏହା ତ ବାହାରକୁ ଆସିବାକୁ ହିଁ ଯାଉଅଛି। ଯଦି ସେଠାରେ ଭିତରେ ଏହା ମନ୍ଦ ଅଛି, ଏହା ଭାରତୀୟ ଶିବିରରେ ବାହାରକୁ ଆସିବ। ଯଦି ସେଠାରେ ଭିତରେ ଏହା ଭଲ ଅଛି, ତେବେ ଏହା ଯେକୌଣସି ଶିବିରରେ ହେଲେ ବାହାରକୁ ଆସିବ। ବୁଝିଲେ? ଏହା ତ ପିଲାଟି ଭିତରେ ଯାହା ଅଛି, ପିଲାଟିର ଗଠ-ନ କିପରି ଅଟେ, ତୁମ ଭିତରେ ଯାହା ଅଛି ଏହାହିଁ ତାହା ଅଟେ। ଏବଂ ତୁମେ ବର୍ତ୍ତମାନ ଯାହା ଅଟ ବୋଧହୁଏ ତୁମେ ତୁମର ଅବଶିଷ୍ଟ ଜୀବନ ତାହାହିଁ ରହିବ। ତୁମେ ଏକ ପରିବର୍ତ୍ତନଶୀଳ ସ୍ଥାନରେ ଅଛ।

44 କଅଣ ଆପଣ ଜାଣିଛନ୍ତି କି? ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ହୋଇଥିବା ପରିବର୍ତ୍ତନର ଶତକଡା ଛୟା-ଶି ପ୍ରତିଶତ ଭାଗ ଏକୋଇ-ଶ ବର୍ଷର ପୂର୍ବରୁ ହୋଇଥାଏ। ଏହା ତାହାକୁ ଦେଖାଏ। ପରିସଂଖ୍ୟାନ ଏହାକୁ ଦର୍ଶାଏ। ଖ୍ରୀଷ୍ଟଙ୍କ ନିକଟକୁ ଆସୁଥିବା ଶତକଡା ଛୟା-ଶି ପ୍ରତିଶତ, ସେମାନେ ଏକୋଇ-ଶ ବର୍ଷ ହେବା ପୂର୍ବରୁ ହିଁ ଆସିଯାଆନ୍ତି। ତୁମେ, ତୁମେ ସେହି ବୟସ ଅତିକ୍ରମ କରିବା ପରେ, ତୁମେ ଅଧିକ ଗଢା ହୋଇ ଯାଇଥାଅ କିମ୍ବା ନିଜ ପଥରେ ସୁଦୃଢ ହୋଇ ଯାଇଥାଅ। ଓଃ, ଏହା ସମ୍ଭବ ଅଟେ, ନିଶ୍ଚିତରେ। ସେମାନେ ଆସନ୍ତି, ସତୁରି, ଅଶୀ, ବର୍ଷର ବୃଦ୍ଧ, ମାତ୍ର ଏହା ବହୁତ କମ୍ ଅଟେ। ବୁଝିଲେ?

45 ତୁମେ ଯେତେବେଳେ ଯୁବା ଥାଅ ସେତେବେଳେ ତୁମେ ନିଜକୁ ଗଢିଥାଅ । ତୁମେ ତୁମର ଅଭିଳାଷଗୁଡ଼ିକୁ ସେଥିପ୍ରତି ଦୃଢୀଭୁତ କରିଥାଅ ଯାହା ତୁମେ କରିବାକୁ ଚାହଁ, ଏବଂ ତୁମେ ଜୀବନରେ ଯାହା ହାସଲ କରିବାକୁ ଚେଷ୍ଟା କରୁଥାଅ । ତୁମେ ଏହା ବିଷୟରେ ଭାବିଥାଅ । ଏବଂ ଯେତେବେଳେ ତୁମେ ଏହାକୁ ଚିନ୍ତା କରିଥାଅ, ଅବଶ୍ୟ, ତୁମର ମନ, ଏହା ତୁମର ମନ ଭିତରକୁ ଏକ ଅଜ୍ଞାତ ବିଷୟ ଦ୍ୱାରା ଉପସ୍ଥାପିତ କରାଯାଇଥାଏ ଯାହା—ଯାହା ତୁମର ମନ ଉପରେ ଆଧିପତ୍ୟ କରିଥାଏ । ଏବଂ ତାହାପରେ ଯେତେବେଳେ ଏହା ତୁମ ମନ ଭିତରେ କିଛି ହୋଇଯାଏ, ସେତେବେଳେ ତୁମେ ଏହାକୁ କୁହ, ଯେ ତୁମେ ଏହା କରିବାକୁ ଯାଉଅଛ । ଆଉ ତାହାପରେ ତୁମର ଆକାଂକ୍ଷାସବୁ ତୁମକୁ ଏହା ପ୍ରତି ଟାଣି ନେଇଯାଏ ।

46 ତେଣୁ, ମାଆ ଓ ବାପା, ଏହି ଯୁବା ଲୋକଠୁଁ ଆଶା କରୁଥିଲେ ଯେ...ତାହାର ଅଭିଳାଷଗୁଡ଼ିକ ମହାନ ହେଉ; ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ରହିଥାଉ । ଏବଂ ତାହାପରେ, ନିଃସନ୍ଦେହ, ଏହା ପ୍ରାର୍ଥନା କରିଥିବେ ଯେ ଏହି—ଏହି ଯୁବା ପିଲାଟି ସେହି—ସେହି ସୁଯୋଗକୁ ପାଇବ । ଆପଣ ଦେଖନ୍ତୁ, ସେମାନେ—ସେମାନେ ତାହା ସବୁ କରିଥିଲେ ଯାହା ସେମାନେ କରି ପାରିଥାଆନ୍ତେ । ତାଙ୍କର ବୋଧହୁଏ ବହୁତ ଭଲ ଘୋଡାମାନ ଥିବ, ଓ—ଓ ବୋଧହୁଏ ସେ ମହିଳାମାନଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ଥିବେ ।

47 ଏବଂ ପୁରୁଷ ପାଇଁ ଯାହା ଆବଶ୍ୟକ, ମହିଳାଙ୍କ ପାଇଁ ତାହା ପ୍ରୟୋଜନ ଅଟେ, ଏକ ଆରେକ ବିପରୀତ ଭାବରେ, ଦେଖନ୍ତୁ, 'କାରଣ ଆମେ ମାନବୀୟ ଜୀବନ, ପ୍ରାଣ, ଉଭୟ ପୁରୁଷ ଏବଂ ମହିଳାଙ୍କ ବିଷୟରେ କହୁଅଛୁ ।

48 ଏବଂ ତାହାପରେ, ଏହି ସମସ୍ତ ସୁଯୋଗ ପରେ ଯାହାକି ସେହି ବାଳକ ପାଖରେ ଥିଲା, ଦେଖନ୍ତୁ, ସେ "ସହଜ ମାର୍ଗରେ" ଯିବା ଲୋକ ପରି ହୋଇଗଲେ, ଯେପରି ଆମେ ଏହାକୁ କହିଥାଉ, ଏପରି ଏକ ସ୍ଥାନରେ ଯେଉଁଠାରେକି ତାଙ୍କୁ ଅଧିକ ଚିନ୍ତା କରିବାକୁ ପଡିଲା ନାହିଁ । ତାହାର ପିତାମାତାଙ୍କ ପାଖରେ ଟଙ୍କା ଥିଲା । ତାହାର ଥିଲା...ସେ ବହୁତ ଥିଲେ...ସେ ଜଣେ ଅଧ୍ୟକ୍ଷ ହେଲେ । ବାଇବଲ ଏହାକୁ ଏଠାରେ, ତାହା ବିଷୟରେ ଯେ...ଯୁବକ, ଧନୀ ଯୁବା ଅଧ୍ୟକ୍ଷ ଭାବରେ ଉଲ୍ଲେଖ କରେ । ଆଉ ଆମେ ଦେଖୁ ଯେ...ଅଳ୍ପ ବୟସରେ, ବୋଧହୁଏ ତାଙ୍କ କିଶୋରାବସ୍ଥାରେ, ଠିକ୍ ବିଦ୍ୟାଳୟରୁ ବାହାରିବା ପରେ, ଠିକ୍ ସ୍ନାତକରୁ ବାହାରିବା ପରେ, ହୋଇପାରେ, କିଛି ସପ୍ତାହ ପୂର୍ବରୁ, ଅବା କିଛି ଗୋଟାଏ ପରେ, ସେ ହେଲେ...ସେ ଜଣେ ଅଧ୍ୟକ୍ଷ ହେଲେ, ଏବଂ ତାଙ୍କ ପାଖରେ ତାହା ସମସ୍ତକିଛି ଥିଲା ଯାହାକି ହୃଦୟ ଇଚ୍ଛା କରିପାରେ ।

49 ଏବଂ ସେହି ବାଳକଟି କୌଣସି ଆଧୁନିକ ରିକି ବା ବାଳୁଙ୍ଗା ନ ଥିଲା । ସେ ଜଣେ ଉତ୍ତମ ବାଳକ ହେଲେ । ମୁଁ ବିଶ୍ୱାସ କରେ, ଯେତେବେଳେ ଲୂକ ଏହା ବିଷୟରେ ଲେଖିଲେ, କିଅବା ମାର୍କ, ମୁଁ ବିଶ୍ୱାସ କରେ ଯେ ଏହା ଏପରି ଥିଲା, ଯୀଶୁ ତାହାଙ୍କୁ ଚାହିଁ ଦୀର୍ଘ ନିଶ୍ୱାସ ଛାଡ଼ିଲେ,

କାରଣ ସେ ତାଙ୍କୁ ସ୍ନେହ କରିଥିଲେ। ବୁଝିଲେ? ସେହି ବାଳକ ବିଷୟରେ କିଛି ଗୋଟାଏ ଥିଲା। ଏହି ବାଳକ ସହିତ ଏକ ସୁନ୍ଦର ବ୍ୟକ୍ତିତ୍ୱ ରହିଥିଲା। ସେ କେଉଁଠାରୁ ଆସିଥିଲା? ଏକ ସୁନ୍ଦର ପରିବାର ମଧ୍ୟରୁ ଯିଏକି ତାଙ୍କୁ ପରମେଶ୍ୱରଙ୍କ ଆଜ୍ଞାସକଳ ଶିଖାଇଥିଲେ, ଏବଂ ଏହା ଧ୍ୟାନ ଦେଇଥିଲେ ଯେ ସେ ତାହା ପାଳନ କରନ୍ତି। ଏବଂ ସେ ତାହା, ତାଙ୍କର ଯୌବନକାଳରୁ କରି ଆସିଥିଲେ।

50 ଏବଂ ସେହି ବାଳକର ଏକ ଉଚ୍ଚ ଅଭିଳାଷ ଥିଲା; ସେ ଅନନ୍ତ ଜୀବନ ଚାହୁଁଥିଲେ। ସେ କହିଲେ, "ହେ ଉତ୍ତମ ଗୁରୁ, ଅନନ୍ତ ଜୀବନ ପାଇବା ପାଇଁ ମୁଁ କଅଣ କରିପାରିବି?"

51 ଦେଖନ୍ତୁ, ଆପଣ ଜଗତରେ ସମସ୍ତ ବିଷୟ ପାଇଥିବେ, ତଥାପି ଆପଣଙ୍କ ଭିତରେ ରହିଥିବା ସେହି ପ୍ରାଣଟି ଆପଣଙ୍କୁ କହିଥାଏ ଯେ ଏପରି କିଛି ଅଛି ଯାହା ତୁମର ଆବଶ୍ୟକ, ଯାହା ତୁମେ ପାଇ ନାହିଁ। କେବଳ ଧନ ଦ୍ୱାରା...କିଅବା, ଏହା ସର୍ବଦା ଧନ ହିଁ ହେବା ଆବଶ୍ୟକ ନୁହେଁ। ହୋଇପାରେ ଏହା, ଲୋକପ୍ରିୟ ହେବା, କୌଣସି ସୁନ୍ଦର ଝିଅ, ତାହା ପାଖରେ ତାହାର ସୌନ୍ଦର୍ଯ୍ୟ ଥାଏ ଯାହା ବିଷୟରେ ସେ ଭାବିପାରେ। ହୋଇପାରେ ସେ ବିଦ୍ୟାଳୟରେ ବହୁତ ଲୋକପ୍ରିୟ ଥିବ। ହୋଇପାରେ ସେହି ପୁଅ କୌଣସି ବି ଝିଅକୁ ପାଇପାରେ ଯାହାକୁ ସେ ଇଚ୍ଛା କରେ। ସେ ଅନୁଭବ କରେ ଯେ ସେ ଏକ ପ୍ରକାର ସୁରକ୍ଷିତ ଅଟେ। ତାହା ସୁରକ୍ଷିତ ହେବା ନୁହେଁ। ତାହା ତ କ୍ଷୀଣ ହୋଇଯିବ ଯେପରି କ୍ଷେତରେ ଫୁଲଟିଏ ଥାଏ। ବୁଝିଲେ? ଏହା ଚାଲିଯିବ। ଅଧିକ ସମୟ ରହିବ ନାହିଁ। ସୂର୍ଯ୍ୟର ଅଳ୍ପ କେତେକ ପାଳି, ତାହା ଚାଲିଯିବ, ତାହାପରେ ତୁମ ପାଖରେ ଏକ ପ୍ରାଣ ରହିଥାଏ ଯାହାକୁ ଅନନ୍ତକାଳ ଜୀବିତ ରହିବାକୁ ଅଛି।

52 ଆଉ ଏହି ଯୁବା ପିଲାଟିର ନିଶ୍ଚିତ ଏକ ସୁନ୍ଦର ବ୍ୟକ୍ତିତ୍ୱ ରହିଥିବ, କାରଣ ସେ ନିଜକୁ ପ୍ରଭୁ ଯୀଶୁଙ୍କ ନିକଟରେ ଉପସ୍ଥାପନ କଲେ, ଏହା ଜାଣି ଯେ ସେ ଆଣ୍ଠୁପାତ କରି ପ୍ରଣାମ କଲେ। ସେ କହିଲେ, "ହେ ଉତ୍ତମ ଗୁରୁ, ଅନନ୍ତ ଜୀବନ ପାଇବା ପାଇଁ ମୁଁ କଅଣ କରିପାରିବି?"

53 ସେ ଉତ୍ତର ଦେଲେ, "ତୁମେ ମୋତେ ଉତ୍ତମ ବୋଲି କାହିଁକି କହୁଅଛ," କହିଲେ, "ଯେତେବେଳେ ତୁମେ ଜାଣ ଯେ କେବଳ ଜଣେ ହିଁ ଉତ୍ତମ, ଏବଂ ସେ ହେଉଛନ୍ତି ପରମେଶ୍ୱର?" ବୁଝିଲେ? ସେହି ଯୁବା ଲୋକ ଏଥିରେ କଅଣ ପ୍ରକାଶ କଲେ? ଯେ ସେ ପରମେଶ୍ୱର ଥିଲେ। ବୁଝିଲେ? ସେ କହିଲେ, "ଆଜ୍ଞାଗୁଡ଼ିକ ତ ତୁମେ ଜାଣିଛ। ସେଗୁଡ଼ିକୁ ପାଳନ କର।"

କହିଲେ, ତେଣୁ ସେ କହିଲେ, "ଗୁରୁ, କେଉଁ ଆଜ୍ଞାସକଳ?"

54 ସେ କହିଲେ, "ସେହି ଆଜ୍ଞାସକଳ 'ଆପଣା ପିତାମାତାଙ୍କୁ ସମାଦର କର,' ଓ ଇତ୍ୟାଦି।"

55 ସେ କହିଲେ, "ଏହା ତ ମୁଁ, ମୋର ଯୌବନକାଳରୁ ପାଳନ କରିଆସିଛି। ଦେଖନ୍ତୁ, ମୁଁ ଏହା କରିସାରିଛି।"

56 ସେ କହିଲେ, "ତଥାପି ତୁମର ଗୋଟିଏ ବିଷୟ ଊଣା ଅଛି । ଯାଅ, ତୁମର ଯାହାକିଛି ଅଛି ତାହା ବିକ୍ରୟ କର, ଏବଂ ଦରିଦ୍ରମାନଙ୍କୁ ବିତରଣ କର, ଏବଂ ମୋହର ଅନୁଗମନ କର ।"

57 କି ଏକ ସୁଯୋଗ! ତାହା ପିତର, ଯାକୁବ କିମ୍ବା ଯୋହନ କିଅବା ସେମାନଙ୍କ ମଧ୍ୟରୁ ଜଣେ ହୋଇ ପାରିଥାନ୍ତେ । ଦେଖନ୍ତୁ, ସେହି ବାଳକଟି ଉତ୍ତମ ତାଲିମ ପ୍ରାପ୍ତ ଥିଲେ ଏବଂ ଠିକ୍ ଭାବରେ ପାଳିତ ହୋଇଥିଲେ, ଏବଂ ଖ୍ରୀଷ୍ଟଙ୍କଠାରେ ଉପସ୍ଥାପିତ କରାଯାଇଥିଲେ, ଯେ ତାଙ୍କୁ ବ୍ୟବହାର କରାଯାଏ ସମସ୍ତ ସାମର୍ଥ୍ୟରେ ଯାହାକି ତାଙ୍କ ପାଖରେ ରହିଥିଲା, ସେ ବ୍ୟବହାର କରାଯାଆନ୍ତେ, ବୋଧହୁଏ ଶିକ୍ଷିତ, ଯୁବକ, ଧନୀ, ପ୍ରଭାବ, ଯେଉଁଠାରେକି ସେ ସୁସମାଚାର ଉପସ୍ଥାପନ କରିପାରିଥାନ୍ତେ, ଆଉ ତଥାପି ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ତାହା କରିବା ସେହି ବାଳକ ନିମନ୍ତେ କି ଏକ—କି ଏକ ଖରାପ ବିଷୟ ଥିଲା! ବୁଝିଲେ?

58 "ମୋହର ଅନୁଗମନ କର ।" ତେବେ, ଦେଖନ୍ତୁ, ତାଙ୍କୁ ତ କାହାରିକୁ ଅନୁଗମନ କରିବାକୁ ହିଁ ଥିଲା । ତେବେ, ତାଙ୍କୁ ସେହି ଲୋକମାନଙ୍କର ପ୍ରଭାବକୁ ଅନୁଗମନ କରିବାକୁ ଥିଲା ଯାହାଙ୍କ ସହିତ ସେ ଜଡ଼ିତ ଥିଲେ, କୌଣସି ଯୁବା ସ୍ତ୍ରୀଲୋକର ପ୍ରଭାବକୁ ଅନୁଗମନ କରିବାକୁ ଥିଲା, ବାଳକମାନଙ୍କର ଏକ ଗୋଷ୍ଠୀ, ବିଦ୍ୟାଳୟରେ ତାଙ୍କର ସହକର୍ମୀମାନଙ୍କର କୌଣସି ପ୍ରଭାବକୁ ଅନୁଗମନ କରିବାକୁ ଥିଲା ଯାହାଙ୍କ ସହିତ ସେ ଜଡିତ ଥିଲେ, ଅବା ଯୀଶୁ ଖ୍ରୀଷ୍ଟଙ୍କୁ ଅନୁଗମନ କରିବାକୁ ଥିଲା । ତାଙ୍କର ସମସ୍ତ ଉତ୍ତମତାରେ, ତଥାପି ସେ ଜାଣିଥିଲେ ଯେ ତାଙ୍କଠାରେ ଅନନ୍ତ ଜୀବନ ନାହିଁ ।

ପିଲାମାନେ, ତାହାହିଁ ଅଟେ ଯାହା ବିଷୟରେ ତୁମମାନଙ୍କୁ ଚିନ୍ତା କରିବାକୁ ପଡ଼ିବ । ଦେଖନ୍ତୁ?

59 ତେବେ ଆଜି ରାତି ସେହି ବାଳକକୁ ଦେଖନ୍ତୁ, ସେ କଅଣ ହୋଇ ପାରିଥାନ୍ତା, ଏବଂ ସେ କଅଣ ଅଟେ, ଆଜି ରାତି ସେ କଅଣ ଅଟେ । ସେ କୌଣସି ସ୍ଥାନରେ ଅଛନ୍ତି । ସେ ଜଣେ ପୁରୁଷ ଥିଲେ । ସେ କୌଣସି ସ୍ଥାନରେ ଅଛନ୍ତି । ସେ ନ୍ୟାୟ ବିଚାରକୁ ଅପେକ୍ଷା କରୁଛନ୍ତି । ସେ ସେହି ଦିନରେ ନ୍ୟାୟ ବିଚାରକୁ ସମ୍ମୁଖୀନ ହେବା ପାଇଁ ଅପେକ୍ଷା କରିଛନ୍ତି, ସେହି ସମାନ ସୁଯୋଗକୁ ପ୍ରତ୍ୟାଖ୍ୟାନ କରି ଯେଉଁ ସୁଯୋଗକି ତୁମ ପିଲାମାନଙ୍କୁ ଉପସ୍ଥାପିତ କରାଯାଇଛି, ପ୍ରାୟଃ ସେହି ସମାନ ପରିସ୍ଥିତିମାନରେ; ଉତ୍ତମ ପିଲାମାନେ, ଉତ୍ତମ ବ୍ୟକ୍ତିତ୍ୱ, ଉତ୍ତମ ପିତା ମାତାମାନେ, ଯାହାକି ତୁମମାନଙ୍କର ଅଛି, ଏପରିକି ତୁମକୁ କାମ ସୁଦ୍ଧା କରିବାକୁ ପଡ଼େ ନାହିଁ ଯେପର୍ଯ୍ୟନ୍ତ ତୁମେ ତାହା ଚାହଁ ନାହିଁ । ବୁଝିଲେ?

60 ମାତ୍ର ସେଠାରେ ଆଉ କିଛି ଅନ୍ୟ ବିଷୟ ଅଛି ଯାହାକି ତାହା ସହିତ ଯାଇଥାଏ । ସେଠାରେ ତାହା ସହିତ କିଛି ଗୋଟାଏ ବିଷୟ ଯାଇଥାଏ । ସେହି ବାକ୍ୟ, ଆଜି ରାତି, କଦାପି ମରେ ନାହିଁ । ଏହା ଏବେ ସୁଦ୍ଧା ପ୍ରତ୍ୟେକ ଯୁବା ଲୋକ, ପ୍ରତ୍ୟେକ ଯୁବା ସ୍ତ୍ରୀଲୋକ ପାଇଁ ଏକ ଆହ୍ୱାନ ଅଟେ, "ମୋହର ଅନୁଗମନ କର ।" ବୁଝିଲେ?

61 ବାକ୍ୟ ମରେ ନାହିଁ । ଯେତେବେଳେ ବି ଆପଣ କିଛି କୁହନ୍ତି, କେବଳ ମନେରଖନ୍ତୁ, ଯେ ଏହା ଗୁପ୍ତରେ ଆପଣଙ୍କ କାର ଭିତରେ ହେଉ, କି ଏହା ପ୍ରଚାର ମଞ୍ଚରେ ହେଉ, କି ଏହା ରାସ୍ତାର କୋଣରେ ତୁମର ପ୍ରେମିକ ପୁଅ ପିଲା ବା ଝିଅ ପିଲା ସହିତ ହେଉ, ଏହା ଯେଉଁଠାରେ ବି ହେଉ, ଏହା କଦାପି ମରେ ନାହିଁ । ଏହାକୁ—ଏହାକୁ ତ ସଦାକାଳ ପାଇଁ ଜୀବିତ ରହିବାକୁ ହେବ ।

62 ଯେତେବେଳେ ମୁଁ ସେହି ଝିଅକୁ ଦେଖିଲି ଯାହାକି ମୁଁ...ଅନ୍ୟ ରାତି ସେହି ଦର୍ଶନରେ, ସୁନ୍ଦର ଯୁବା ଝିଅଟିଏ, ହଲିଉଡ ସିନେମା ଜଗତର ଅଭିନେତ୍ରୀ, ଆଉ ମୁଁ ତାଙ୍କୁ ମରୁଥିବାର ଦେଖିଲି, ସାହାଯ୍ୟ ପାଇବା ପାଇଁ, ପହଞ୍ଚିବାକୁ ଚେଷ୍ଟା କରୁଥିଲେ । ମିସ୍ ମୋନ୍‌ରୋ, ତାଙ୍କର ମୃତ୍ୟୁ ହୃଦଘାତରେ ହୋଇଥିଲା । ଏବଂ ତାହା ପୁଣି ଦୁଇ ବର୍ଷ ପୂର୍ବରେ ହୋଇଥିଲା, ଆଉ ମୁଁ ତାଙ୍କୁ ମରୁଥିବାର ଦେଖିଥିଲି । ଆଉ ଦୁଇ ଦିନ ପରେ ସେ ମରିଗଲେ ।

63 ତେବେ, ଅନ୍ୟ ରାତିରେ, ମୁଁ ସେହି ଝିଅର ସ୍ୱର ଶୁଣିଲି । କିପରି? ପିଲାମାନେ ମୋତେ କହି ଆସୁଥିଲେ, "ବାପା, ତୁମେ ସବୁବେଳେ, ସେହି ଫେରି ନ ଆସିବାର ନଦୀକୁ ଚାଲି ଯାଇଥାଅ ।" କହିଲେ, "ଆଜି ରାତିରେ, ସେମାନଙ୍କର ସେପରି ଏକ ନାଟକ ଅଛି ।" ସେମାନେ ମୋତେ କହିଲେ ଯେ ଏକ ନିର୍ଦ୍ଦିଷ୍ଟ ରାତିରେ ତାହା ଆରମ୍ଭ ହେବ, ଏହା ଏକ ସପ୍ତାହ କିମ୍ବା ଦୁଇ ସପ୍ତାହ ପୂର୍ବରୁ କଥା । ମୁଁ ଭାବିଲି, "ତେବେ, ମୁଁ ତାହା ଦେଖିବାକୁ ଚାହେଁ, କାରଣ ମୁଁ ସେହି ନଦୀକୁ, ଦୁଇ କିମ୍ବା ତିନିଥର ଯାଇଛି; ମୁଁ ଭାବୁଛି, ପ୍ରାୟଃ ପାଞ୍ଚ ଥର ।" ତେବେ, ମୁଁ—ମୁଁ ଏହାକୁ ଦେଖିବାକୁ ଚାହୁଁଥିଲି ।

64 ଏବଂ ମିସ୍ ମେରିଲିନ୍ ମୋନ୍‌ରୋ ଏହାକୁ ଅଭିନୟ କରିଥିଲେ । ତେବେ, ଏହା ସେହି ଝିଅ ଥିଲେ ଯାହାଙ୍କୁ ମୁଁ ଦର୍ଶନରେ ଦେଖିଥିଲି । ଏବଂ ସେଠାରେ ସେ, ଚିତ୍ରରେ ଥିଲେ, ଏବଂ ସେହି କାର୍ଯ୍ୟକଳାପଗୁଡ଼ିକ, ଠିକ୍ ସେହି ଅଭିନୟ ଯାହାକି ସେ *ଦି ରିଭର ଅଫ୍ ନୋ ରିଟର୍ନ* ରେ କରିଥିଲେ, ଯେତେବେଳେ ସେ ସେହି ଚିତ୍ରକୁ ତୋଳିଥିଲେ, ବୋଧହୁଏ ପନ୍ଦର ବର୍ଷ ପୂର୍ବେ । ଏହା ଏକ ପୁରୁଣା ଚିତ୍ର ଥିଲା, ବୋଧହୁଏ କୋଡିଏ ବର୍ଷ ପୂର୍ବର । ଆଉ ତାଙ୍କର ମରିବାର ଦୁଇ ବର୍ଷ ହେଲାଣି । ଏବଂ ସେଠାରେ ସେ ପୁନର୍ବାର, ଜୀବିତ ଅଛନ୍ତି, ପ୍ରତ୍ୟେକ କାର୍ଯ୍ୟକଳାପ ଏବଂ ପ୍ରତ୍ୟେକ ଶବ୍ଦରେ । ବୁଝିଲେ? ଏହା ସେହି ମ୍ୟାଗ୍ନେଟିକ ଟେପରେ ଏପରି ଭାବରେ ରଖାହୋଇଛି ଯେପର୍ଯ୍ୟନ୍ତ କି ଏହା ପୁନର୍ବାର ଜୀବନ୍ତ ନ ହୋଇଯାଏ ।

65 କେବଳ ସେତିକି ନୁହେଁ, ମାତ୍ର ଯାହାକିଛି ଆମେ କହୁ ତାହା ଜୀବନ୍ତ ହୋଇଯାଏ । ପ୍ରତ୍ୟେକ ଶବ୍ଦ ଯାହା ଆମେ କହୁ ତାହା ମରିପାରେ ନାହିଁ । କୋଠରୀ ଦେଇ ଯାହା ବର୍ତ୍ତମାନ ଆସୁଛି ତାହା ହେଲା ଶବ୍ଦ, ଲୋକମାନଙ୍କର ରୂପମାନ । ଟେଲିଭିଜନ ଏହାକୁ ଧରି ନିଏ । ତୁମେ ଠିକ୍ ଏଠାରେ କହିପାରିବ, ଏବଂ ଠିକ୍ ସେହି ସେକେଣ୍ଡରେ, ସେମାନେ ତୁମକୁ ସମଗ୍ର ବିଶ୍ୱରେ ଶୁଣନ୍ତି । ଏହା ପୂର୍ବେକି ତୁମେ ତାହାକୁ ଏଠାରେ ଏହି କୋଠରୀରେ ଶୁଣିପାର, ଏହା ଇଲେକ୍ଟ୍ରୋନିକ୍ ଦ୍ୱାରା, ସାରା ବିଶ୍ୱକୁ ଚାଲିଯାଏ ।

66 ଏବଂ ପରମେଶ୍ୱରଙ୍କ ମହାନ ପରଦା ତାହାକୁ ଉଠାଇ ନିଏ । ଆଉ ପ୍ରତ୍ୟେକଟି ପଦକ୍ଷେପ ଏବଂ ପ୍ରତ୍ୟେକଟି କାର୍ଯ୍ୟକଳାପ ଯାହା ଆପଣ କରନ୍ତି, ଆପଣଙ୍କୁ ନ୍ୟାୟ ବିଚାରରେ ତାହାର ସମ୍ମୁଖୀନ ହେବାକୁ ପଡିବ । ବୁଝିଲେ? ତେଣୁ, ହେ ଯୁବା ସାଥୀ, ଏହା ବନ୍ଦ କରିବା ଏକ ଉତ୍ତମ ବିଷୟ ଅଟେ, ଏହି ବିଷୟଗୁଡ଼ିକ ସମ୍ବନ୍ଧରେ ଚିନ୍ତା କର, ଦେଖନ୍ତୁ, କାରଣ ଆପଣ ଏହାକୁ ପୁନର୍ବାର ସମ୍ମୁଖୀନ ହେବାକୁ ଯାଉଛନ୍ତି । ବୁଝିଲେ?

67 ଆସନ୍ତୁ ଏହି ଯୁବା ଲୋକକୁ ଅନୁସରଣ କରିବା, ସେହି ସୁଯୋଗ ଯାହାକି ତାଙ୍କ ପାଖରେ ଥିଲା, ଏବଂ ନିଜକୁ ତାଙ୍କର ସ୍ଥାନରେ ରଖନ୍ତୁ । ଏବଂ ଗୋଟିଏ ଝିଅ, ଠିକ୍ ଯେପରିକି ବେକୀ ଏବଂ ମେରିଲିନ୍ ଅଟନ୍ତି, ଠିକ୍ ଯେପରିକି ଆପଣ ତାଙ୍କ ସ୍ଥାନରେ ଠିଆ ହୋଇଛନ୍ତି, ଆଉ ଆପଣ ସେହି ସ୍ୱର ଶୁଣିପାରନ୍ତି ଯାହାକି ଏବେ ମଧ୍ୟ ଜୀବନ୍ତ ଅଟେ ।

68 ଏହା ଏବେ ସୁଦ୍ଧା ଜୀବନ୍ତ ଅଟେ । ଏହା ଏବେ ସୁଦ୍ଧା ଗତି କରୁଛି । ବିଜ୍ଞାନ କହୁଛି, "ବର୍ତ୍ତମାନ ଠାରୁ କୋଡିଏ ବର୍ଷ ମଧ୍ୟରେ, ସେମାନେ ତାହାଙ୍କର ଆକ୍ଷରିକ ସ୍ୱରକୁ ନେବେ ଯାହା ସେ ଦୁଇ ହଜାର ବର୍ଷ ପୂର୍ବେ, କହିଥିଲେ ।" ଏହା ଏବେ ମଧ୍ୟ ଜୀବନ୍ତ ଅଛି । ଯେପରିକି ଏକ ପଥର ସମୁଦ୍ରରେ ପଡ଼େ, ତରଙ୍ଗ କେବେ ବି ବନ୍ଦ ହୁଏ ନାହିଁ । ଏହା ହଜାର ହଜାର ମାଇଲ ଦୂର, କୂଳକୁ ଯାଏ, ଏବଂ ଫେରି ଆସିଥାଏ ।

69 ଯେତେବେଳେ ଗୋଟିଏ ସ୍ୱର ସେହିଭଳି ଥରେ ବାୟୁମଣ୍ଡଳରେ କୁହାଯାଏ, ଏହା କଦାପି ମରେ ନାହିଁ । ଏପରି କିଛି ନାହିଁ ଯାହାକି ଆପଣ ନ୍ୟାୟ ବିଚାରରେ କହିପାରିବେ । ଏହା ଠିକ୍ ସେଠାରେ ଅଛି । ସେଠାରେ ଯୀଶୁ ଖ୍ରୀଷ୍ଟଙ୍କର ସ୍ୱର ସେହି ଯୁବା ଲୋକକୁ ନିବେଦନ କରୁଥିବାର ରହିଥିବ, "ମୋହର ଅନୁଗମନ କର," ଏବଂ ସେ ବିମୁଖ ହୋଇ ଯାଉଥିବ, ସେହି ପରଦାରେ, ଦୁଃଖ ମନରେ, କାରଣ ତାଙ୍କର ବହୁତ ସମ୍ପତ୍ତି ଥିଲା । ଦେଖନ୍ତୁ? ଆମେ ହୁଏତ ହୋଇ ନ ପାରୁ...ସବୁବେଳେ ଟଙ୍କା ହିଁ କାରଣ ହେବା ଆବଶ୍ୟକ ନୁହେଁ । ଏହା ଅନ୍ୟାନ୍ୟ ବିଷୟମାନ ହୋଇପାରେ । ବୁଝିଲେ? ଯେକୌଣସି ବିଷୟ ଯାହାକୁ ଆମେ ସେହି ଆହ୍ୱାନଠାରୁ ଅଧିକ ପ୍ରିୟ ବୋଲି ମନେ କରୁ, ଦେଖନ୍ତୁ, ତାହା ଆମ ପାଇଁ ଟଙ୍କା ପରି ହୋଇଯାଏ । ଏହା ଏପରି କିଛି ହୋଇଯାଏ ଯାହାକି ଆମକୁ ଭ୍ରଷ୍ଟ କରିଥାଏ ।

70 ତେବେ ଆସନ୍ତୁ ତାଙ୍କୁ ଆଉ ଟିକିଏ ଅନୁସରଣ କରିବା । ଯେତେବେଳେ ସେ ବିମୁଖ ହୁଏ ସେତେବେଳେ କଅଣ ହୁଏ? ସେ ଖ୍ରୀଷ୍ଟଙ୍କ ସେହି ରବକୁ ଶୁଣିଲେ ନାହିଁ । ସେ ନିଜର ବନ୍ଧୁମାନଙ୍କ ସହିତ ଗଲେ ।

71 ଯାହାକି, ତୁମେ ପିଲାମାନେ, ତୁମେ ସମସ୍ତେ ଭଲ ପିଲାମାନେ ଅଟ, ଏବଂ ତୁମମାନଙ୍କର ବନ୍ଧୁଗଣ ରହିବା ବାଧ୍ୟ, ମାତ୍ର ତାହା ପ୍ରତି ଧ୍ୟାନ ଦିଅନ୍ତୁ ଯେ ତୁମର କି ପ୍ରକାର ବନ୍ଧୁ ଅଛନ୍ତି । ଯଦି ସେହି ବନ୍ଧୁ ଖ୍ରୀଷ୍ଟଙ୍କୁ ଅନୁସରଣ କରୁଛନ୍ତି, ତେବେ ସେହି ବନ୍ଧୁ ସହିତ ଯାଅ । ଖ୍ରୀଷ୍ଟଙ୍କୁ ମଧ୍ୟ, ଅନୁସରଣ କର । ମାତ୍ର ଯଦି ତାହା ନୁହେଁ, ତେବେ ତାହା କର ନାହିଁ ।

72 ଆସନ୍ତୁ ତାଙ୍କୁ ଦେଖିବା । ଆମେ ପାଇଲୁ ଯେ, ସେ ବୋଧହୁଏ ନିଜ ବନ୍ଧୁମାନଙ୍କୁ ପାଖରେ ରଖିଲେ । ସେ ଜଣେ ମହାନ ଅଧ୍ୟକ୍ଷ ହେଲେ । ସେତେବେଳେ ସେ ଜଣେ ଶାସକ ଥିଲେ । ପରେ, ଆମେ ପାଇଲୁ ଯେ ସେ ଏତେ ସମୃଦ୍ଧଶାଳୀ ହେଲେ ଯେପର୍ଯ୍ୟନ୍ତକି ତାଙ୍କୁ—ତାଙ୍କୁ—ତାଙ୍କୁ ଜିନିଷ ରଖିବା ପାଇଁ ଅତିରିକ୍ତ ଭଣ୍ଡାର ଘରସବୁ ନିର୍ମାଣ କରିବାକୁ ପଡିଲା । ଏବଂ ତାହାପରେ ସେ ନିଜକୁ କହିଲେ, ବୃଦ୍ଧ ହେବା ପରେ, ଓ ଯୁବା ଜୀବନ ଏବଂ ଜିନିଷଗୁଡ଼ିକର ଚିନ୍ତାସବୁ ଚାଲିଯିବା ପରେ, ଯାହାସବୁ ସେ କରିଥିଲେ, ବୋଧହୁଏ, ତାହା କେବଳ ଉପଭୋଗ ହିଁ ଥିଲା ।

73 ଯେତେବେଳେ ଜଣେ ବୃଦ୍ଧ ପୁରୁଷ କିମ୍ବା ଜଣେ ବୃଦ୍ଧ ମହିଳା, ଯେପରିକି ମୁଁ, ମୋର ପତ୍ନୀ, ଆପଣଙ୍କର ମାଆ ଏବଂ ବାପାମାନେ, ଏପରି କୌଣସି ଜିନିଷ ନାହିଁ ଯାହା ବିଷୟରେକି ସେମାନେ ଚିନ୍ତା କରିପାରିବେ । ସେମାନେ ପାରିବେ ନାହିଁ, ବାହାରକୁ ଯିବାକୁ ଏବଂ—ଏବଂ ରାସ୍ତାରେ ଉପର-ଓ-ତଳ ଦୌଡିବାକୁ ଚାହିଁବେ ନାହିଁ, ଆପଣ ଜାଣନ୍ତି, ଯେପରିକି—ଯେପରିକି ଯୁବା ପିଲାମାନେ, ଏବଂ ଯୁବା ସ୍ତ୍ରୀଲୋକମାନେ କରିଥାଆନ୍ତି । ପରସ୍ପର ଦେଖା ସାକ୍ଷାତ କରିବା, ଏବଂ କିଏ ତୁମର ପତ୍ନୀ କିମ୍ବା ତୁମର ସ୍ୱାମୀ ହେବାକୁ ଯାଉଅଛି, କିଅବା, ଦେଖନ୍ତୁ, ସେମାନଙ୍କ ମନରେ ତାହାସବୁ ନ ଥାଏ । ସେମାନେ, ସେମାନଙ୍କର ସନ୍ତାନମାନ ଥାଏ, ସେମାନେ ସେଥିରେ ମନୋଯୋଗ କରିଥାଆନ୍ତି । ତାହା ତୁମେମାନେ ସମସ୍ତେ ହେବାକୁ ଯାଉଅଛ, ଆସନ୍ତାକାଲି, ଯଦି କୌଣସି ଆସନ୍ତାକାଲି ଥାଏ । ବୁଝିଲେ?

74 ଆଉ ସେହି ବ୍ୟକ୍ତିକୁ ଦେଖନ୍ତୁ, ତେବେ, ବୋଧହୁଏ...ବୋଧହୁଏ ସେ କେବେ ବିବାହ ସୁଦ୍ଧା କଲେ ନାହିଁ । ଏବଂ, ଯାହା ବି ହେଉ, ସେ ଜଣେ ମହାନ ଶାସକ ଥିଲେ । ଏବଂ ସେ ବିରାଜମାନ ହେଉଥିଲେ...

75 ଏବଂ ଯେପରି ଏହା ଯିରୁଶାଲମରେ ହୋଇଥାଏ, ଆଜି, ସୁଦ୍ଧା, ସେମାନେ ଗୃହର ଛାତ ଉପରେ ଭୋଜନ କରନ୍ତି, ଦିନର ଏହି ସମୟରେ, ଯେତେବେଳେ ଏହା ଥଣ୍ଡା ଥାଏ, ସନ୍ଧ୍ୟା ସମୟରେ ।

ପୁଣି ଆମେ ତାଙ୍କ ସହିତ ଆଉ ଏକ ଚରିତ୍ରକୁ ଚିତ୍ରିତ ହୋଇଥିବାର ପାଉ: ଜଣେ ଭିକାରୀକୁ ।

76 ଏବଂ ସେହି ବ୍ୟକ୍ତି, ପ୍ରତିବାସୀମାନଙ୍କୁ ଆଦର କରିବା—କରିବା, ଏବଂ ଅନ୍ୟମାନଙ୍କ ପ୍ରତି ସେପରି ବ୍ୟବହାର କର ଯେପରି ଅନ୍ୟମାନେ ତୁମ ପ୍ରତି ବ୍ୟବହାର କରିଛନ୍ତି ଏହି ବିଷୟଠାରୁ ନେଇ, ଦେଖନ୍ତୁ, ଶେଷରେ, ଖ୍ରୀଷ୍ଟଙ୍କର ସେହି ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା...ଏପରି ଦେଖାଯାଉଥିଲା, ଜଣେ ବାଳକ ଯିଏକି ସେହିପରି ଏକ ଘରେ ପାଳିତ ହୋଇଥିଲା, ତାହା ତାଙ୍କଠାରୁ କେବେବି ଦୂରେଇ ଯାଇ ନ ଥାନ୍ତା, ମାତ୍ର ତାହା ଗଲା । ଏହା କଲା ।

77 ଏବଂ ସେଠାରେ ଫାଟକ ପାଖରେ ଜଣେ ଲୋକ ପଡ଼ି ରହିଥିଲା, ଯାହାର ନାମ ଲାଜାର ଥିଲା, ଯିଏକି ତାଙ୍କୁ ଖାଦ୍ୟ ନିମନ୍ତେ ଭିକ୍ଷା ମାଗିଥିଲା, ମାତ୍ର ବୃଥା ହୋଇଥିଲା । ସେ ତ ସେହି ଗୁଣ୍ଡା ଗୁଣ୍ଡିଗୁଡ଼ିକୁ ଖାଇଥାନ୍ତା ଯାହାକି ସେ ସଫା କଲା ବେଳକୁ ଫିଙ୍ଗି ଦେଇଥାନ୍ତି, ଯାହାକି ଭିକାରୀକୁ ନୁହେଁ, ବରଂ କୁକୁରମାନଙ୍କୁ ଦିଆ ଯାଇଥାଏ । ଏବଂ ସେ ଘାଆରେ ପରିପୂର୍ଣ୍ଣ ଥିଲା । ମାତ୍ର ସେହି ବ୍ୟକ୍ତିଟି ସମାଜରେ ଏତେ ଗଣ୍ୟମାନ୍ୟ ଥିଲେ, ଯେ, ତେବେ ତାଙ୍କର ଆଉ କୌଣସି ଅନୁଭୁତି ରହି ନ ଥିଲା । ସେ ଜଡ଼ ହୋଇ ଯାଇଥିଲେ, କାରଣ ସେ ଖ୍ରୀଷ୍ଟଙ୍କର ସେହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ।

78 ଆଉ ବୋଧହୁଏ ଦିନେ ସନ୍ଧ୍ୟାରେ, ଏହି ଥର, ଖୁବ୍ ଭଲ ଦ୍ରାକ୍ଷାରସ ସହିତ ତାଙ୍କର ଉପଭୋଗ କରୁଥିଲେ, ଏବଂ ସୁନ୍ଦର ମହିଳାମାନେ, ଅଳଙ୍କାର ପିନ୍ଧି, ତାଙ୍କ ଚାରିପାଖରେ, ଏବଂ ସେହିପରି ବିଷୟସବୁ, ଯାହାକିଛି ସବୁ ତାଙ୍କର ହୃଦୟ ଇଚ୍ଛା କରି ପାରିଥିଲା ତାହା ସହିତରେ, ଏବଂ ମଦ୍ୟପାନ ଚାଲିଥିଲା । ଜଣେ ଭିକାରୀ ଫାଟକ ପାଖରେ ପଡ଼ି ରହିଥିଲା ।

79 ଏବଂ ଦିବାଲୋକ ଆସିବା ପୂର୍ବରୁ, ପରଦିନ ସକାଳେ, ସେ ନରକରେ ଥିଲେ, ଏବଂ ଲାଜାର ନିମନ୍ତେ ଡାକ ଛାଡୁଥିଲେ ଯେ ସେ ଆସି ତାଙ୍କ ଜିଭରେ ପାଣି ଦିଅନ୍ତା । ଦୃଶ୍ୟର ପରିବର୍ତ୍ତନ ହୋଇଥିଲା ।

80 ଏବଂ ଆପଣ ଲକ୍ଷ୍ୟ କରନ୍ତୁ, ଯେତେବେଳେ ସେ କହିଲେ, "ହେ ପିତା ଅବ୍ରହାମ," ତେବେ, ସେ ଏବେ ସୁଦ୍ଧା ମନେ ରଖିଥିଲେ ଯେ ଅବ୍ରହାମ ଯିହୂଦୀମାନଙ୍କର ପିତା ଥିଲେ । ସେ କହିଲେ, "ହେ ପିତା ଅବ୍ରହାମ, ସେହି ଭିକାରୀ ଲାଜାରକୁ ତାହାର ଆଙ୍ଗୁଳିରେ ଟିକିଏ ପାଣି ଦେଇ, ମୋ ଓଠରେ ଦେବା ପାଇଁ ଏଠାକୁ ତଳକୁ ପଠାନ୍ତୁ । ଏହି ଅଗ୍ନି ଯନ୍ତ୍ରଣାଦାୟକ ଅଟେ ।"

81 ଏବଂ ସେ କହିଲେ...ଆଉ ଅବ୍ରହାମ କହିଲେ, "ଏହା ତ, ମୁଁ ତାହା କରିପାରେ ନାହିଁ," ଅନେକ ଶବ୍ଦରେ । "ଏବଂ ଏସବୁ ବ୍ୟତୀତ, ତୁମେ ଦେଖ, ତୁମେ ଜୀବନରେ ତୁମର ସୁଯୋଗ ପାଇଥିଲ ।"

82 ସେ ତାହା କେବେ ପାଇଥିଲେ? ଯେତେବେଳେ ଯୀଶୁ କହିଥିଲେ, "ମୋହର ଅନୁଗମନ କର ।" ମାତ୍ର ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ସେ ସେହି ମାର୍ଗରେ ଚାଲି ଯାଇଥିଲେ ଯେଉଁଥିରେକି ସେ ଟଙ୍କା ଅର୍ଜନ କରିପାରିଥିଲେ । ଏବଂ ତାହା ଠିକ୍ ଅଛି, ଟଙ୍କା ରୋଜଗାର କରିବାରେ କିଛି ଭୁଲ୍ ନୁହେଁ, ମାତ୍ର ଯେତେବେଳେ ଆପଣ ଏହା କରୁଛନ୍ତି ସେତେବେଳେ ଯୀଶୁଙ୍କ ଅନୁଗମନ କରନ୍ତୁ । ବୁଝିଲେ? ସେ ଭିଡ଼ ସହିତ, ଅନ୍ୟ ପଥରେ ଚାଲି ଯାଇଥିଲେ ।

83 ଏବଂ ଆପଣ ପାଆନ୍ତି, ସେ କହିଲେ, ଆଉ ଅବ୍ରହାମ କହିଲେ, "ଏବଂ ଏସବୁ ବ୍ୟତୀତ, ତୁମ ଏବଂ ତାହା ମଧ୍ୟରେ ଏକ ବଡ଼ ଗର୍ତ୍ତ ରହିଛି, ଯାହାକି କୌଣସି ମଣିଷ କେବେ ଅତିକ୍ରମ କରି ନାହିଁ, ଏବଂ କେବେ କରିବ ମଧ୍ୟ ନାହିଁ । ସେଠାରେ ଥିବା ସେମାନେ ଏଠାକୁ ଆସିପାରିବେ ନାହିଁ, ଏବଂ ଏଠାରେ ଥିବା ଏମାନେ ସେଠାକୁ ଯାଇପାରିବେ ନାହିଁ । ଏହା ସ୍ଥିରୀକୃତ ଅଟେ । କୌଣସି ବ୍ୟକ୍ତି ଅତିକ୍ରମ କରି ନାହାଁନ୍ତି କିମ୍ବା ଅତିକ୍ରମ କରିବେ ନାହିଁ ।"

84 ତେବେ ତାଙ୍କ କଥା ଶୁଣନ୍ତୁ । ସେ ସେତେବେଳେ ଏକ ସୁସମାଚାର ପ୍ରଚାରକ ହେବାକୁ ଚାହାଁନ୍ତି । ସେହି ଆହ୍ୱାନ ଯାହା ଯୀଶୁ ତାଙ୍କୁ ଦେଇଥିଲେ, ଯେ—ଯେ ତାହାଙ୍କୁ ଅନୁଗମନ କରନ୍ତୁ, ରହିଥିଲା, ଏବଂ ଜଣେ ଯୁବା ଲୋକ ଭାବରେ, ପ୍ରାଣ ଜିଣିବା ଏକ ବ୍ୟକ୍ତି ହୁଅନ୍ତୁ, ଏହା ତାଙ୍କ ନିକଟକୁ ପୁନର୍ବାର ଫେରି ଆସିଥିଲା । ସେ ଏହାକୁ ମନେ ପକାଇଲେ, ଯେ ତାଙ୍କର ପାଞ୍ଚ ଭାଇ ଥିଲେ ଏବଂ ପୃଥିବୀରେ ରହିଥିଲେ, ଆଉ ସେ ସେମାନଙ୍କୁ ସେହି ସ୍ଥାନରେ ଚାହୁଁ ନ ଥିଲେ ।

85 ସେ କହିଲେ, "ତେବେ, ଲାଜାରକୁ ମୋ ଭାଇମାନଙ୍କ ପାଖକୁ, ଏହା କହି ପଠାନ୍ତୁ ଯେ ସେମାନେ ଏହି ମାର୍ଗରେ ନ ଆସନ୍ତୁ ।" ଅନ୍ୟ ଶବ୍ଦରେ, "'ମୋହର ଅନୁଗମନ କର,' ସେହି ଆହ୍ୱାନକୁ ଗ୍ରହଣ କରନ୍ତୁ ।" ବୁଝିଲେ?

ମାତ୍ର ସେ କହିଲେ, "ସେମାନେ, ସେମାନେ ତାହା କରିବେ ନାହିଁ ।"

86 ସେ କହିଲେ, "ହଁ, ଯଦି ଜଣେ ଲାଜାର ପରି, ମୃତ୍ୟୁରୁ ପୁନରୁତ୍‌ଥିତ ହୋଇ ଆସିବ, ଆଉ ଫେରି ଯାଇ ସେମାନଙ୍କୁ କହିବ ।"

87 ଆପଣ ଦେଖନ୍ତୁ, ଏହା ଦର୍ଶାଏ ଯେ, ଆମେ ମରିଯିବା ପରେ, ଆପଣ ତଥାପି ସଚେତନ ଥାଆନ୍ତି । ସେ ମନେ ପକାଇଲେ । ଅବ୍ରହାମ କହିଲେ, "ପୁଅରେ, ମନେ ପକାଅ, ତୁମର ଦିନରେ ।" ବୁଝିଲେ? ଆପଣ ଏବେ ବି ମନେ ରଖିଥାଆନ୍ତି । ଆପଣ ନିଜର ସ୍ମୃତି ହରାଇ ନ ଥାଆନ୍ତି । ଆପଣ ମନେ ରଖନ୍ତି ।

88 ଏବଂ ସେହି ସ୍ମୃତିମାନ ଯାହାକି ମଣିଷର ଥାଇପାରେ, ଏବଂ ତଥାପି ସେହି ସମାନ ସ୍ଥାନରେ ରହିଥାଏ, ଓ ସେହି ସୁଯୋଗକୁ ମନେ ପକାଇଥାଏ ଯେତେବେଳେ ସେ ଯୀଶୁଙ୍କୁ ଏହା କହୁଥିବାର ଶୁଣିଥିଲେ, "ମୋହର ଅନୁଗମନ କର ।" ମାତ୍ର ସେ ଭୁଲ ଲୋକ, ଭୁଲ ଜନତାଙ୍କୁ ଅନୁସରଣ କଲେ । ସେ ଭୁଲ୍ ଭିଡ଼ ମଧ୍ୟକୁ ଚାଲିଗଲେ, ଏବଂ ଭୁଲ୍ ସ୍ଥାନକୁ ଗଲେ, ଭୁଲ୍ ଅନନ୍ତକାଳରେ ସମାପ୍ତି ହେଲେ; ସେହି ଦିନ ପରମେଶ୍ୱରଙ୍କଠାରୁ, ସଦାକାଳ ନିମନ୍ତେ ବିନାଶ ହୋଇଗଲେ ।

89 ଯୀଶୁ ମଧ୍ୟ ଏକ ବଡ଼ ଚମତ୍କାର ଶବ୍ଦ କହିଥିଲେ, "'ଯଦିଓ ଜଣେ ମୃତମାନଙ୍କ ମଧ୍ୟରୁ ପୁନରୁତ୍‌ଥିତ ହୋଇ ଉଠିଆସେ ଓ ଯାଏ, ତଥାପି ସେମାନେ ପ୍ରବର୍ତ୍ତାଇ ଯାଇପାରନ୍ତି ନାହିଁ । କାରଣ, ସେମାନଙ୍କ ପାଖରେ ମୋଶାଙ୍କ ବ୍ୟବସ୍ଥା ଅଛି, ଏବଂ ଯଦି ସେମାନେ ତାହା ଶୁଣନ୍ତି ନାହିଁ, ତାହାହେଲେ ସେମାନେ ତାହାକୁ ଶୁଣିବେ ନାହିଁ ଯଦିଓ ଜଣେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇ ଉଠିଆସେ । ସେମାନେ ପ୍ରବର୍ତ୍ତାଇ ଯାଇପାରିବେ ନାହିଁ ।'"

90 କାହିଁକି? କାହିଁକି? କଅଣ ବ୍ୟବସ୍ଥା ସେପରି କିଛି କହିଛି କି? ହଁ । "ଅନ୍ୟମାନଙ୍କ ପ୍ରତି ସେପରି ବ୍ୟବହାର କର, ଯେପରି ତୁମେ ଚାହଁ ଯେ ସେମାନେ ତୁମ ପ୍ରତି ବ୍ୟବହାର କରନ୍ତୁ ।" ଏବଂ ସେ ବ୍ୟବସ୍ଥା ଅଧିନରେ ବାସ କରିଥିଲେ । ମାତ୍ର ସେ ସେହି ଭିକାରୀକୁ ଫାଟକରେ ମରିବାକୁ ଛାଡ଼ି ଦେଲେ । ବୁଝିଲେ? ସେ ଥିଲେ—ସେ ପରମେଶ୍ୱରଙ୍କ ଆଜ୍ଞାସକଳର

ଅଧିନରେ ରହିଥିଲେ, ଆଉ ତଥାପି ସେହି ମହାନ ଅନନ୍ତ ଜୀବନ ଦେଖିବାରେ ବିଫଳ ହୋଇଥିଲେ ।

91 ପିଲାମାନେ, ତୁମେ, ପ୍ରତ୍ୟେକ ଜଣ, ମୋ ପରି ହୋଇଥିବାର ଦେଖାଯାଅ । ତୁମେମାନେ, ପ୍ରତ୍ୟେକ ଜଣ, କେବଳ ମୋର ପୁଅ ଏବଂ ଝିଅ ପରି ଦେଖାଯାଉଛ । ଗୋଟିଏ ଉପାୟରେ, ତୁମେମାନେ ଅଟ, ଦେଖ, ଆତ୍ମିକ ଭାବରେ କହୁଅଛି । ତାହା ଠିକ୍ । ପ୍ରଭୁ ପରମେଶ୍ୱର ତୁମମାନଙ୍କର ପ୍ରାଣଗୁଡ଼ିକୁ ମୋର ତତ୍ତ୍ୱାବଧାନରେ ଦେଇଛନ୍ତି—ଦେଇଛନ୍ତି, କାରଣ ତୁମେ ଆସି, ମୋହର କଥା ଶୁଣିଥାଅ । ତୁମେ ମୋତେ ବିଶ୍ୱାସ କର । ବୁଝିଲେ? ଏବଂ ଶବ୍ଦର ଗୋଟିଏ ଅର୍ଥରେ, ତୁମେମାନେ ମୋର ପୁଅ ଓ ଝିଅ ଅଟ । ତାହା ଠିକ୍ ।

92 ସର୍ବଦା ମନେରଖନ୍ତୁ, ପରମେଶ୍ୱରଙ୍କ ଆଜ୍ଞାଗୁଡ଼ିକ ପାଳନ କରିବା ଏକ ମହତ୍ ବିଷୟ ଅଟେ । ଏକ ଭଲ ଘରେ ପାଳିତ ହେବା ପରମେଶ୍ୱର ଦତ୍ତ ଏକ ଅଧିକାର ଅଟେ । ଏବଂ ତୁମମାନଙ୍କ ପରି ବ୍ୟକ୍ତିତ୍ତ୍ୱ ସହିତ ଉତ୍ତମ ପିଲା ହେବା, ଭଲ ଅଟେ । ଏକ ଶିକ୍ଷାଲାଭ କରିବା, ଅତ୍ୟୁତ୍ତମ ଅଟେ । ଏହି ମୁକ୍ତ ରାଷ୍ଟ୍ରରେ ବାସ କରିବା ସୁଦ୍ଧା ଅଦ୍ଭୁତ ଅଟେ । ଆମର କୃତଜ୍ଞ ହେବା ନିମନ୍ତେ ଅନେକ ବିଷୟମାନ ଅଛି ।

93 ମାତ୍ର ଗୋଟିଏ ବିଷୟ ଅଛି ଯାହାକି ତୁମେ ଉତ୍ତରାଧିକାରରେ ପାଅ ନାହିଁ । ତୁମକୁ ତାହା ଗ୍ରହଣ କରିବାକୁ ହୁଏ । ତାହା ହେଉଛି ଅନନ୍ତ ଜୀବନ । ଆଉ ଆପଣ ତାହା କେବଳ ଏକ ନୂତନ-ଜନ୍ମର ଅନୁଭୂତି ଦ୍ୱାରା, ଯୀଶୁଙ୍କୁ ଅନୁସରଣ କରିବା ଦ୍ୱାରା କରିବେ । ଏହାକୁ ଅବହେଳା କରନ୍ତୁ ନାହିଁ ।

94 ଛୋଟ କାହାଣୀଟିଏ ମୁଁ ଥରେ ଶୁଣିଥିଲି, ଜଣେ ବ୍ୟକ୍ତିଙ୍କ ବିଷୟରେ ଯିଏକି, ଓଃ, ସେ ଗରିବ ଥିଲେ । ଏବଂ ସେ—ସେ ସର୍ବଦା ଚାହୁଁଥିଲେ…ଏହା ଏକ ଛୋଟ ପରି ରାଇଜର କାହାଣୀ, ପରି ଅଟେ । ଯଦିଓ, ଏହା ସର୍ବଦା ମୋ ସହିତରେ ରହିଥିଲା । ଆଉ ଦିନେ ସେ ଗୋଟିଏ ଫୁଲ ଉଠାଇଲେ । ଏବଂ ସେହି ଫୁଲଟି ଯାଦୁକର ଥିଲା, ଆଉ ସେହି ଫୁଲ ତାଙ୍କୁ ଉତ୍ତର ଦେଇ, କହିଲା, "ତୁମେ ତୁମର ସାରା ଜୀବନ ଗରିବ ରହିଛ ।" ସେ କହିଲା, "ବର୍ତ୍ତମାନ ତୁମର ଯାହା ଇଚ୍ଛା ତାହା ମାଗ, ଏବଂ ତାହା ତୁମକୁ ଦିଆଯିବ ।"

95 ସେ କହିଲା, "ସେହି ପାର୍ଶ୍ୱର ପର୍ବତଟି ଖୋଲିଯାଉ, ଏବଂ ମୁଁ ସେଠାରେ ଭିତରକୁ ଯାଏ ଓ ସେହି ପର୍ବତରେ ସୁନା ପାଇପାରେ ।"

96 "ତେବେ," ସେ କହିଲା, "ତୁମେ ଯେଉଁଆଡେ ବି ଯାଅ ତୁମକୁ ମୋତେ ସାଙ୍ଗରେ ନେବାକୁ ପଡିବ । ବୁଝିଲେ? ତୁମକୁ ମୋତେ ତୁମ ସାଙ୍ଗରେ ନେବାକୁ ପଡିବ । ତେଣୁ, ମୁଁ ଯେଉଁଠାରେ ବି ଥାଏ, ତାହାପରେ ତୁମର ଯାହା ଇଚ୍ଛା ତାହା ତୁମେ ମାଗି ପାର ।"

97 ସେ ପର୍ବତ ନିକଟକୁ ଗଲା, ଏବଂ ପର୍ବତ ଖୋଲିଗଲା, ଆଉ ସେ ଭିତରକୁ ପ୍ରବେଶ କରିଗଲା । ଯେପରି ସେହି ଛୋଟ ପରି ରାଇଜର କାହାଣୀ ବ୍ୟକ୍ତ କରେ, ସେହି ଥାକଗୁଡ଼ିକ ସୁନା ଏବଂ ହୀରାରେ ପରିପୂର୍ଣ୍ଣ ଥିଲା । ସେ ଫୁଲକୁ ଏକ—ଏକ ମେଜ ଉପରେ, କିମ୍ବା, ଏକ

ପଥର ଉପରେ ଥୋଇଦେଲା । ଏବଂ ସେ ଦୌଡ଼ିଯାଇ ଏକ ବିରାଟ ବଡ଼ ରତ୍ନକୁ ଧରିଲା, ଆଉ ସେ କହିଲା, "ମୋତେ ନିଶ୍ଚିତରେ ମୋର ବନ୍ଧୁମାନଙ୍କ ପାଖକୁ ଯାଇ ଏହା ଦେଖାଇବାକୁ ଉଚିତ୍ । ଏବଂ ବର୍ତ୍ତମାନ ମୁଁ ଜଣେ ଧନୀ ବ୍ୟକ୍ତି ଅଟେ । ମୋ ପାଖରେ ବର୍ତ୍ତମାନ ସବୁକିଛି ଅଛି । ମୋତେ ଏହା ନିଶ୍ଚିତରେ ଦେଖାଇବାକୁ ଉଚିତ୍ ।"

98 ଆଉ ତେଣୁ ସେହି ଫୁଲଟି କହିଲା, "ମାତ୍ର," କହିଲା, "ତୁମେ ମୁଖ୍ୟ କଥା ଭୁଲି ଯାଇଛ ।"

99 ତେଣୁ ସେ ଦୌଡ଼ି ଫେରିଗଲା ଓ ଗୋଟାଇ, କହିଲା, "ତେବେ, ବୋଧହୁଏ ମୁଁ—ମୁଁ ଏକ ସୁନା ଖଣ୍ଡେ ପାଇଯିବି । ମୁଁ ରୂପା ଖଣ୍ଡେ ପାଇଯିବି ।" ଆଉ ତେଣୁ ସେ କହିଲା, "ମୁଁ କରିବି—ମୁଁ ଅତି ଶୀଘ୍ର, ଲୋକମାନଙ୍କୁ ଯାଇ କହିବି ଯେ ମୁଁ କେତେ ଧନୀ ଅଟେ, ଏବଂ ମୋ ପାଖରେ କଅଣ ସବୁ ଅଛି ।"

100 ଏବଂ ସେ ଦ୍ୱାର ପାଖରେ ପହଞ୍ଚିଲା, ଆଉ ସେହି ଫୁଲ କହିଲା, "ମାତ୍ର ତୁମେ ମୁଖ୍ୟ କଥାଟି ଭୁଲି ଯାଇଛ ।"

101 ତେଣୁ ସେ ପୁନର୍ବାର ଦୌଡି ଫେରିଗଲା । ସେ କହିଲା, "ଏଠାରେ ଆମେ ସମସ୍ତ ପ୍ରକାରର ସାମଗ୍ରୀ ପାଇଥାଉ ।" ତେଣୁ, ସେ ଏକ ପଥର ଉଠାଇଲା । ସେ କହିଲା, "ମୁଁ ଯିବି, ଏହି ପଥରକୁ ନେବି ଓ ଲୋକମାନଙ୍କୁ ଦେଖାଇବି ଯେ ଏହି ପର୍ବତଟି କେଉଁ ପଥରରେ ନିର୍ମିତ ହୋଇଅଛି, ଯେପରିକି ମୁଁ ଏଠାକୁ ଫେରି ଆସିବା ପାଇଁ ମାର୍ଗ ପାଇପାରେ ।" ବୁଝିଲେ?

102 ଆଉ ସେ ଦ୍ୱାର ବାହାରକୁ ଯିବା ଆରମ୍ଭ କଲା, ଆଉ ସେହି ଫୁଲଟି କହିଲା, ଏଥର... ଏହାର ଶେଷ ଥରକ ପାଇଁ, "ତୁମେ ମୁଖ୍ୟ କଥାଟି ଭୁଲି ଯାଇଛ ।"

"ଓଃ," ସେ କହିଲା, "ଓଃ, ଚୁପ୍ କର ।"

103 ଦେଖନ୍ତୁ, ସେ ଆଉ ଶୁଣିବାକୁ ଚାହିଁଲା ନାହିଁ, "ମୁଖ୍ୟ କଥାଟି ଭୁଲି ଯାଇଛ," ଏବଂ ସେ ଦ୍ୱାର ବାହାରକୁ ଦୌଡ଼ିଗଲା । ଆଉ ଯେତେବେଳେ ସେ ତାହା କଲା, ଦ୍ୱାରଟି ତାହାର ପଛରେ ବନ୍ଦ ହୋଇଗଲା, ଭିତରେ ଫୁଲଟି ରହିଗଲା । ମୁଖ୍ୟ ବିଷୟଟି ଫୁଲ ଥିଲା । ବୁଝିଲେ? ମୁଖ୍ୟ ବିଷୟଟି ସେହି ଫୁଲ ଥିଲା ।

104 ବହୁ ବର୍ଷ ପୂର୍ବେ, ଏକ ଶିଶୁ ଭାବରେ, ଯେପରିକି ତୁମେମାନେ ସମସ୍ତେ ଅଟ, ଏଠାରେ, ଫିନିକ୍ସ ସହର ଉପରେ, ଏଠାରେ ଗାଈ ଗୋରୁ ଚରା କ୍ଷେତ୍ରରେ । ମୁଁ ଏକ ଲେଖନୀ ପଢୁଥିଲି, ଅନୁସନ୍ଧାନକାରୀ ବିଷୟରେ, ଏକ ଅନୁସନ୍ଧାନକାରୀଙ୍କ ବିଷୟରେ ଏକ ଲେଖନୀ ପଢୁଥିଲି । ସେତେବେଳେ, ଏଠାରେ କୌଣସି ରାସ୍ତାଘାଟ ନ ଥିଲା, କେବଳ ଛୋଟ ମାଟି ରାସ୍ତାମାନ ଥିଲା । ସେମାନେ ଏବେ ବି ଏଠାରେ ଅନେକ ଅନୁସନ୍ଧାନ କାର୍ଯ୍ୟ କରନ୍ତି, ଆପଣ ଜାଣନ୍ତି ।

105 ମାତ୍ର ଏହି ଅନୁସନ୍ଧାନକାରୀ ଏଠାକୁ ଆସିଥିଲେ, ଏବଂ ସେ ବହୁତ ଟଙ୍କା ପାଇଥିଲେ, ଏବଂ ବହୁତ ସୁନାର ସନ୍ଧାନ ମଧ୍ୟ ପାଇଥିଲେ । ଏବଂ ତାଙ୍କର ଯିବା ଆସିବା ରାସ୍ତାରେ, ସେ ଏକ କ୍ୟାବିନରେ ରହିଥିଲେ ଯାହା ସେ ପାଇଥିଲେ । ଆଉ ସେ ନିଜ ସହିତ ଗୋଟିଏ

କୁକୁର ରଖିଥିଲେ, ଏବଂ, ସେହି—ସେହି କୁକୁର, ବାହାରେ ବନ୍ଧା ହୋଇଥିଲା। ଏବଂ ସେହି ରାତିରେ, ଏହି ସୁନାକୁ ଚୋରି କରିବା ପାଇଁ, ଏକ ଚୋର ତାଙ୍କୁ ଅନୁସରଣ କରୁଥିଲା। ସେ ଏହାକୁ ସେହି ପୁରାତନ ସ୍ପେନୀଶ ଖଣିରେ ପାଇଥିଲେ, ଆଉ ସେ ଏହା ସହିତ ଆସୁଥିଲେ। ଏବଂ କୁକୁର ଭୁକିବାକୁ ଆରମ୍ଭ କଲା।

106 ଏବଂ ସେହି ବ୍ୟକ୍ତିଟି ସେହି କୁକୁର ଦ୍ୱାରା ବ୍ୟତିବ୍ୟସ୍ତ ହେବାକୁ ଚାହୁଁ ନ ଥିଲେ। ସେ କହିଲେ, "ଚୁପ୍ କର।" ସେ କହିଲେ, "ଆସନ୍ତାକାଲି, ମୁଁ ଏହାକୁ ନେବି, ସହରକୁ—କୁ ନେବି।" ଆଉ ମୁଁ କରିବି…କାହାଣୀର ନୀତିଶିକ୍ଷାଟି ଏହା ଥିଲା। "ଏବଂ ମୁଁ ଏହାକୁ ଓଜନ କରିବି, ଆଉ ମୁଁ ଜଣେ ଧନୀ ବ୍ୟକ୍ତି ହୋଇଯିବି। ଆଉ ମୁଁ ବଡ଼ ବଡ଼ କାର୍ କିଣିବି। ଏବଂ ମୋର ସମସ୍ତ ପ୍ରକାରର ମହିଳାମାନେ ରହିବେ ଓ ବଡ ଆମୋଦ ପ୍ରମୋଦଜନକ ଭୋଜି ହେବ। ଏବଂ ମୁଁ ଜଣେ ଧନୀ ବ୍ୟକ୍ତି ହେବି, କାରଣ ମୁଁ ସମସ୍ତ ଧନ ଉପରେ ଦାବି ପାଇସାରିଛି। ମୋ ପାଖରେ ଏଠାରେ, ବହୁତ ଅଧିକ ସୁନା ରହିଛି।" ଏବଂ କହିଲେ, "ମୁଁ କରିବି…"

107 ଏବଂ ଯେତେବେଳେ ସେ ଶୋଇବାକୁ ଯିବା ପାଇଁ ଚେଷ୍ଟା କରୁଥିଲେ, କୁକୁରଟି ଭୁକିବାରେ ଲାଗିଥିଲା, କାରଣ କୁକୁରଟି ସେହି ଚୋରକୁ ଚୁପ୍ କରି ଗୁପ୍ତରେ ଛପି ଛପି, ଆସିବାର ଦେଖିଥିଲା, ଯିଏକି ସେହି ଅନୁସନ୍ଧାନକାରୀର ନିଦ୍ରା ଯିବା ପାଇଁ ଅପେକ୍ଷା କରିଥିଲା।

108 ସେ ପୁଣିଥରେ ଉଠି ପଡ଼ିଲେ, ଓ କୁକୁର ଉପରେ ପୁନର୍ବାର ଚିତ୍କାର କରି, କହିଲେ, "ଚୁପ୍ କର।" ଏବଂ ସେହି ବେଚାରା କୁକୁରଟି କୁଂ କୁଂ କରି ନିଜ ମାଲିକଙ୍କୁ ଏହା ଚେତାବନୀ ଦେବାକୁ ଚେଷ୍ଟା କରୁଥିଲା ଯେ ବିପଦ ମାଡି ଆସୁଛି—ମାଡି ଆସୁଛି। ଏବଂ ଯେତେବେଳେ ସେ…

109 ପରବର୍ତ୍ତୀ ଥର, ଯେତେବେଳେ ସେହି କୁକୁର ଭୁକିବା ଆରମ୍ଭ କଲା, ଅନୁସନ୍ଧାନକାରୀଙ୍କ ପାଖରେ ଏକ ଛୋଟ ବନ୍ଧୁକ ଥିଲା। ସେ ହଇରାଣ କରାଯିବାକୁ ଚାହୁଁ ନ ଥିଲେ, ତେଣୁ ସେ କେବଳ ଉଠି ପଡ଼ିଲେ ଓ କୁକୁରଟିକୁ ଗୁଳି କରିଦେଲେ। ଆଉ ସେହି ରାତି ଅନୁସନ୍ଧାନକାରୀ ଜଣକ, ଚୋର ଦ୍ୱାରା ହତ୍ୟା କରାଗଲେ। ତାଙ୍କର ସମସ୍ତ କଳ୍ପନା ଜଳ୍ପନାର ସ୍ୱପ୍ନ ତାଙ୍କ ପାଇଁ କିଛି ଲାଭ କଲା ନାହିଁ। କାହିଁକି? ତାଙ୍କୁ ଚେତାବନୀ ଦେଉଥିବା ସେହି ସ୍ୱରକୁ ସେ ଚୁପ୍ କରି ଦେଇଥିଲେ।

110 ଏପରି କେହି ନାହାଁନ୍ତି ଯିଏକି କିଛି କରିବାକୁ ଚେଷ୍ଟା କରିପାରିବ, ତୁମେ ପିଲାମାନେ, କଦାପି କୌଣସି ଭୁଲ୍ କରିବାକୁ ସମର୍ଥ ହେବ ନାହିଁ, ଯେପରି ଭାବରେ ତୁମର ଲାଳନ ପାଳନ ହୋଇଅଛି ତାହାପରେ, ଯେପର୍ଯ୍ୟନ୍ତକି ତୁମେ ହିଁ କିଛି ଏପରି ଅନୁଭବ ନ କର ଯାହାକି ତୁମକୁ ତାହା କରିବା ପାଇଁ ନ କୁହେ। ତେବେ, ତୁମକୁ ଚେତାବନୀ ଦେଉଥିବା ସେହି ସ୍ୱରକୁ କେବେହେଲେ ଚୁପ୍ କରିବାକୁ ଚେଷ୍ଟା କରିବ ନାହିଁ।

111 ଏବଂ ସର୍ବଦା ମନେରଖନ୍ତୁ, ଯେ ସେହି ସ୍ୱରକୁ ଗ୍ରହଣ କରନ୍ତୁ ଯାହାକି କୁହେ, "ମୋହର ଅନୁଗମନ କର," ଆଉ ତୁମେ ସବୁବେଳେ ଠିକ୍ ହିଁ ବାହାରି ଆସିବ। ମୁଁ ବିଶ୍ୱାସ କରେ

ଯେ ତୁମେ ତାହା କରିବ । ମୋର ତୁମ ଉପରେ ଭରସା ଅଛି । ମାତ୍ର କେବଳ ସର୍ବଦା ଏହା ମନେରଖନ୍ତୁ ଯେ ଯୀଶୁ, ସେହି ସ୍ୱର, ଆଜି ରାତିରେ ପୃଥିବୀରେ ଜୀବିତ ଅଛନ୍ତି ।

112 ଠିକ୍ ଯେପରିକି ସମାନ ଭାବରେ, ପ୍ରତ୍ୟେକ ସ୍ୱର ଏବଂ ଆମେ କହିଥିବା ପ୍ରତ୍ୟେକ ଶବ୍ଦ ଏବେ ସୁଦ୍ଧା ଜୀବନ୍ତ ଅଛି, ଯେତେବେଳେ ସେହି ସ୍ୱର ବାୟୁମଣ୍ଡଳର ସେହି ଇଥର ତରଙ୍ଗ ଉପରେ ଯାଇଥାଏ । ସେହି...ଦେଖନ୍ତୁ, ଆପଣଙ୍କର ଏଠାରେ ଏକ ଟ୍ରାନ୍ସମିଟର ଯନ୍ତ୍ର ଅଛି ଯାହାକି ଏହାକୁ ପଠାଇଥାଏ । ଆପଣ ହିଁ ସେହି ଟ୍ରାନ୍ସମିଟର ଯନ୍ତ୍ର ଅଟ ଯାହାକି ଏହାକୁ ପଠାଇଥାନ୍ତି । ତେବେ ଏହାକୁ ଧରିବା ପାଇଁ ଷ୍ଟେସନର ଆବଶ୍ୟକ ରହିଥାଏ ।

113 ଆଉ ଯୀଶୁ ପରମେଶ୍ୱରଙ୍କ ବାକ୍ୟର ସେହି ଟ୍ରାନ୍ସମିଟର ଯନ୍ତ୍ର ଥିଲେ, କାରଣ ସେ ସେହି—ସେହି ପରମେଶ୍ୱରଙ୍କ ତ୍ରିଏକତା ଥିଲେ ଯିଏକି ଜଣେ ମନୁଷ୍ୟରେ ପ୍ରକଟିତ ହୋଇଥିଲେ । ସେ ସଂପୂର୍ଣ୍ଣ ପରମେଶ୍ୱର ଏବଂ ସଂପୂର୍ଣ୍ଣ ମଣିଷ ଥିଲେ ।

114 ଏବଂ ପରମେଶ୍ୱରଙ୍କ ତ୍ରିଏକତା, ପରମେଶ୍ୱରଙ୍କ ଗୁଣସକଳର ତ୍ରିଏକତା, ପିତା, ପୁତ୍ର ଏବଂ ପବିତ୍ର ଆତ୍ମା ହୋଇଥିବା ହେତୁ, ସେହି ଜଣେ ବ୍ୟକ୍ତି, ଯୀଶୁ ଖ୍ରୀଷ୍ଟଙ୍କଠାରେ ପ୍ରତିନିଧିତ୍ତ୍ୱ ହୋଇଥିଲେ । ତେଣୁ, ସେଠାରେ, ସେ ସେହି ବାକ୍ୟ ଥିଲେ ।

115 ଏବଂ ସେ ସେହି ଟ୍ରାନ୍ସମିଟର ଯନ୍ତ୍ର ଥିଲେ ଯିଏ କହିଥିଲେ, "ଯିଏ ମୋର ବାକ୍ୟ ଶୁଣେ, ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ତାହାଠାରେ ଅନନ୍ତ ଜୀବନ ଅଛି ।" ବୁଝିଲେ? "ସତ୍ୟ ସତ୍ୟ ମୁଁ ତୁମ୍ଭକୁ କହୁଅଛି, ଯିଏ ମୋର ବାକ୍ୟ ଶୁଣେ ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି ।" ତେବେ, ସେହି ବାକ୍ୟ ଏକ ଟ୍ରାନ୍ସମିଟର ଯନ୍ତ୍ରରୁ ବାହାରି ଅଛି । ଦିନେ, ସେ କହିଲେ, "ସତ୍ୟ ସତ୍ୟ ମୁଁ ତୁମ୍ଭକୁ କହୁଅଛି, ଯଦି ତୁମେ ଏହି ପର୍ବତକୁ କୁହ, 'ଘୁଞ୍ଚିଯା,' ଏବଂ ତୁମର ହୃଦୟରେ ତାହା ସନ୍ଦେହ କର ନାହିଁ, ବରଂ ବିଶ୍ୱାସ କର ଯେ ତୁମେ ଯାହା କହିଛ ତାହା ସଫଳ ହେବ, ତେବେ ତୁମେ ଯାହା କହିଛ ତାହା ପାଇ ପାରିବ ।"

116 ବର୍ତ୍ତମାନ, ଯଦି ତୁମେ କେବଳ ଏହାକୁ ଧରି ନେବା ପାଇଁ ସେହି ଷ୍ଟେସନ ହୋଇପାରିବ, ତୁମ ଭିତରେ ଥିବା କିଛି ନିୟନ୍ତ୍ରଣ ଦ୍ୱାରା, ବିଶ୍ୱାସ ଦ୍ୱାରା, ଏହା ତୁମକୁ ଠିକ୍ ପରମେଶ୍ୱରଙ୍କ ଚକ୍ର ମଧ୍ୟକୁ, ନୂତନ ଜନ୍ମକୁ ନେଇ ଯିବ, ଏବଂ ନୂତନ ଜନ୍ମ ସାଧନ କରାଇବ । ତାହାପରେ ତୁମେ ସେହି ସ୍ୱରକୁ ଶୁଣିବା ପାଇଁ ସବୁବେଳେ ଯୋଗାଯୋଗରେ ରହିବ, ଯାହାକି ତୁମକୁ ସର୍ବଦା ଚେତାବନୀ ଦେଉଥିବ ଯେତେବେଳେ ବିପଦ ଆଖପାଖରେ ରହିଥାଏ । ଯେତେବେଳେ ଜିନିଷମାନ ଭୁଲ୍ ଥାଏ, ଭୁଲ୍ ହେଉଥାଏ, ଏହା ସର୍ବଦା ଆପଣଙ୍କ ପାଇଁ ଏକ ଚେତାବନୀ ହେବ । ଆଉ ତେବେ, ଦିନେ ସେହି ଧନୀ ଯୁବା ବାଳକ ଯାହା ବିଷୟରେ ଆମେମାନେ କହୁଅଛୁ ତାହା ପରି ହେବା ପରିବର୍ତ୍ତେ; ପ୍ରେରିତ ପିତର, ପାଉଲ କିଅବା ଅନ୍ୟ କୌଣସିଙ୍କ ପରି ବ୍ୟକ୍ତି ହେବ ଯିଏକି ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ପ୍ରାଣଗୁଡ଼ିକୁ ଜିଣିବ । ପିଲାମାନେ, ତୁମେ ତାହାହିଁ କର ।

କଅଣ ଆମେ ପ୍ରାର୍ଥନା କରିପାରିବା କି?

117 ପ୍ରଭୁ ଯୀଶୁ! ଆସନ୍ତାକାଲି ନିମନ୍ତେ ଯୁବା, ପୁରୁଷ ଏବଂ ସ୍ତ୍ରୀମାନେ, ଯଦି ଏକ ଆସନ୍ତାକାଲି ଥାଏ । ପ୍ରଭୁ, ଆମେ ସେମାନଙ୍କୁ ପ୍ରଶିକ୍ଷଣ ଦେବା ଉଚିତ୍ ଅଟେ । ଆମେ ସେମାନଙ୍କୁ ପ୍ରଶିକ୍ଷଣ ଦେବାର ସେହି ଭାରକୁ ଅନୁଭବ କରୁଅଛୁ, ଯେପରିକି ଏକ ଆସନ୍ତାକାଲି ହେବ । ଯଦି ତାହା ନାହିଁ, ତାହାହେଲେ ଆଜି ସେହି ଦିନଟି ଅଟେ ।

118 ଆଉ ତାହାପରେ, ପିତା, ଆମେ ଜାଣୁ ଯେ ତୁମ ଦୃଷ୍ଟିରେ କେହିହେଲେ ଗ୍ରହଣୀୟ ନୁହଁନ୍ତି । କୌଣସି ମାଂସମୟ ଶରୀର ଗୌରବ କରିପାରିବ ନାହିଁ । କୌଣସି ଶିକ୍ଷା ନୁହେଁ, ଯଦିଓ ଏହି ବିଷୟଗୁଡ଼ିକ ଯଥାସାଧ୍ୟ ଉତ୍ତମ ହୋଇପାରେ, କୌଣସି ଉତ୍ତମ କାମ ନୁହେଁ, କୌଣସି ଧାର୍ମିକ ଅନୁଷ୍ଠାନ ନୁହେଁ, ମନୋବିଜ୍ଞାନ ନୁହେଁ, ପବିତ୍ର ଆତ୍ମାଙ୍କ ବ୍ୟତୀତ ଅନ୍ୟ କୌଣସି ବିଷୟ ପରମେଶ୍ୱରଙ୍କୁ ସୁନିଶ୍ଚିତ କରିପାରେ ନାହିଁ । ସେ ହେଉଛନ୍ତି ସେହି ସାଧନ, ସ୍ୱୟଂ ପରମେଶ୍ୱର ନିଜେ, ଅନନ୍ତ ଜୀବନ ରୂପରେ, ଯାହାକି ଆମ ପାଖକୁ ଜଣେ ବ୍ୟକ୍ତି ଭାବରେ ଆସିପାରେ । ଆଉ ଆମେ ଏଥିପାଇଁ କୃତଜ୍ଞ ଅଟୁ ।

119 ଯେତେବେଳେ ପିତର ଅଙ୍ଗୀକାର କଲେ ପ୍ରକୃତରେ ତାହା ସେତେବେଳେ ପ୍ରକାଶିତ ହେଲା । ଯୀଶୁ ତାହାଙ୍କୁ କହିଲେ, "ରକ୍ତ ଓ ମାଂସ ଏହାକୁ ତୁମଠାରେ ପ୍ରକାଶ କରି ନାହିଁ । ତୁମେ ଏହାକୁ ଏକ ଧାର୍ମିକ ଶିକ୍ଷାନୁଷ୍ଠାନରେ ଶିଖି ନାହଁ । ତୁମେ ଏହାକୁ କେବେ କୌଣସି ବିଦ୍ୟାଳୟରେ ଶିଖି ନାହଁ ।" ଏହା ଏକ ବ୍ୟକ୍ତିଗତ ବିଷୟ ଅଟେ, ଏପରି କିଛି ବିଷୟ ଯାହାକି ପ୍ରତ୍ୟେକ ବ୍ୟକ୍ତିଗତ ଜଣଙ୍କୁ ଗ୍ରହଣ କରିବାକୁ ହେବ । ତୁମେ କହିଲ, "ଏହି ପଥର ଉପରେ ମୁଁ ମୋର ମଣ୍ଡଳୀ ନିର୍ମାଣ କରିବି, ଏବଂ ନରକର ଫାଟକ ଏହାକୁ ଜୟ କରିବାରେ ସମର୍ଥ ହେବ ନାହିଁ ।" ପ୍ରଭୁ, ଏଥିପାଇଁ ଆମେ ଧନ୍ୟବାଦୀ ଅଟୁ ।

120 ସେହି ସ୍ୱର ଆଜି ରାତିରେ ସୁଦ୍ଧା ଜୀବନ୍ତ ଅଛି । ଆଉ ଏବେ ସୁଦ୍ଧା ବିଶ୍ୱାସର, ସେହି ଖୁଣ୍ଟମାନ, ବହିର୍ଗତ ଖମ୍ଭମାନ, ଶୁଣିବାର ସ୍ଥାନ, ଗ୍ରହଣ କରିବାର ଷ୍ଟେସନମାନ ଅଛି, ଯାହାକି ଏହାକୁ ଗ୍ରହଣ କରିପାରିବ । ଆମେ ପ୍ରାର୍ଥନା କରୁଛୁ ଯେ ହେ ପ୍ରଭୁ, ଏହି ପିଲାମାନଙ୍କ ମଧ୍ୟରୁ ପ୍ରତ୍ୟେକେ ସେମାନଙ୍କ ହୃଦୟରେ, ତାହା ଗ୍ରହଣ କରିବେ । ଏବଂ ମନେରଖିବେ ଯେ, ସେମାନେ ଯାହା କରନ୍ତି ତାହା ଉତ୍ତମ ହେବା ପାଇଁ ନୁହେଁ, ମାତ୍ର ସେମାନେ...ପରମେଶ୍ୱର ଆମକୁ ତାହା ଦ୍ୱାରା ବିଚାର କରନ୍ତି ନାହିଁ ଯାହା ଆମେ ଯାହା କରିଥାଉ, ବରଂ ତାହା ଦ୍ୱାରା କରନ୍ତି ଯାହା ଆମେ ଗ୍ରହଣ କରିଥାଉ । ଆମ୍ଭେମାନେ ଆମର ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇଅଛୁ, ଏବଂ ଆମର କାର୍ଯ୍ୟସକଳରେ ନୁହେଁ । ତେଣୁ ହେ ସ୍ୱର୍ଗୀୟ ପିତା, ଆମେ ପ୍ରାର୍ଥନା କରୁଛୁ, ଯେ ସେମାନେ ବର୍ତ୍ତମାନ ଦର୍ଶନକୁ ଧରିବେ, ଏବଂ "ଆସି, ମୋହର ଅନୁଗମନ କର" ର ସେହି ମହାନ ଅନନ୍ତ ନିମନ୍ତ୍ରଣକୁ ଦେଖିବେ ଓ ଶୁଣିବେ ।

121 ପ୍ରଭୁ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ, ଜଗତର ସମସ୍ତ ଜିନିଷରୁ, ଏହି ମର୍ତ୍ତ୍ୟପୂର୍ଣ୍ଣ, କ୍ଷଣସ୍ଥାୟୀ ଜୀବନରୁ ଦୂରେଇ ରୁହନ୍ତୁ । ଆଜି ରାତି ଯେତେବେଳେ ସେମାନେ ଏଠାରେ ଅଛନ୍ତି,

ଏବଂ ସେମାନଙ୍କର ସୁବର୍ଣ୍ଣ ରଙ୍ଗର କେଶ, ଏବଂ ସେମାନଙ୍କ ମଧ୍ୟରୁ କେତେକ କଳା କେଶ ସହିତ, ପୁଣି ଶ୍ୟାମଳ ଆଖି, ଓ ନୀଳ ଆଖି ସହିତ, ଏବଂ ସେମାନଙ୍କର ସର୍ବୋତ୍ତମ ଅବସ୍ଥାରେ ଯାହାକି ସେମାନେ କଦାପି ରହିବେ ବସିଛନ୍ତି ।

122 ଏବଂ ଯେପରିକି ସେହି ମହାନ ଲେଖକ କହିଛନ୍ତି, "ଆପଣା ଯୌବନ କାଳରେ ନିଜର ସୃଷ୍ଟିକର୍ତ୍ତାଙ୍କୁ ସ୍ମରଣ କର, ଯେତେବେଳେକି ମନ୍ଦ ଦିନଗୁଡ଼ିକ ନିକଟବର୍ତ୍ତୀ ହୁଏ ନାହିଁ । ତେବେ ତୁମ୍ଭେ ସେମାନଙ୍କଠାରେ କୌଣସି ଆନନ୍ଦ ପାଇବ ନାହିଁ ।" ହେ ପ୍ରଭୁ ଯୀଶୁ, ତୁମେ କିପରି ଭାବରେ, ପିତରଙ୍କୁ କହିଲ, "ଯେତେବେଳେ ତୁମେ ଯୁବା ଥିଲ, ତୁମେ ଉଠି ଥାଅ ଏବଂ ତୁମର ଯେଉଁଠାରେ ଇଚ୍ଛା ସେହି ସ୍ଥାନକୁ ଯାଇଥାଅ । ମାତ୍ର ଯେତେବେଳେ ତୁମେ ବୃଦ୍ଧ ହୋଇଯିବ, କେହି ଜଣେ ତୁମକୁ ଧରି କଢ଼େଇ ନେବେ ଯେଉଁଠାକୁ ତୁମେ ଯିବାକୁ ଇଚ୍ଛା କରିବ ନାହିଁ ।" ସେମାନଙ୍କୁ ତାହା ମନେ ରଖିବାକୁ ଦିଅ, "ବର୍ତ୍ତମାନ ସେହି ଦିନ ଅଟେ । ଏହା ସେହି ସମୟ ଅଟେ ।" ପିତା, ଏହା ପ୍ରଦାନ କର ।

123 ମୁଁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ, ମୋର ନିଜ ସନ୍ତାନ ପାଇଁ, ଏଠାରେ ଆଜି ରାତିରେ, ଏଠାରେ ଥିବା ପ୍ରତ୍ୟେକ ପିଲାଙ୍କୁ ଦାବି କରେ । ମୁଁ ଅନୁଭବ କରୁଛି ଯେ ତୁମେ ସେମାନଙ୍କର ଦେଖାଶୁଣା କରିବା ପାଇଁ, ମୋ ହାତରେ ଦେଇଅଛ । ମୁଁ ସେସମସ୍ତଙ୍କୁ ଶୟତାନଠାରୁ, ମୃତ୍ୟୁଠାରୁ ଦାବି କରି, ଯୀଶୁ ଖ୍ରୀଷ୍ଟଙ୍କଠାରେ ଜୀବନ ନିମନ୍ତେ ଦାବି କରେ । ଆମେନ୍ ।

124 ପିଲାମାନେ, ପ୍ରଭୁ ତୁମକୁ ଆଶୀର୍ବାଦ କରନ୍ତୁ । ତୁମମାନଙ୍କୁ କିଛି ଶବ୍ଦ କହିବା ବାସ୍ତବରେ ଭଲ ଲାଗେ । ଏବଂ ମୁଁ ଫେରିବି, ବିଲି । ଭଲ ପିଲାମାନେ, ତୁମମାନଙ୍କୁ ପ୍ରଶଂସା କରେ । ଭାଇ ଫ୍ରେଡ୍, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଭଉଣୀ, ପ୍ରଭୁ ତୁମକୁ ଆଶୀର୍ବାଦ କରନ୍ତୁ ।

***ଆସି, ମୋହର ଅନୁଗମନ କର*** ORI63-0601

(Come, Follow Me)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଜୁନ 1, 1963, ଶନିବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଏରିଜୋନା ପ୍ରଦେଶର, ଟ୍ୟୁସାନ ସହରରେ ଏକ ଘରୋଇ ସଭାରେ ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2022 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org